## ସଂକ୍ଷେପରେ

### ମହିମା ଅଲେଖ ମଠ ସମାଧିସ୍ଥଳରେ କାମ ଆରମ୍ଭ

#### ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ପରେ ବି ମାନୁନି ଠିକାସଂସ୍ଥା

**ପାଣିକୋଇଲି,୧୩।୧୨(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନ୍ଦପୁର ପଞ୍ଚାୟତର ରୁଢ଼ିଆଠାରେ ଥିବା ମହିମା ଅଲେଖ ଶୂନ୍ୟବ୍ରହ୍ମ ମଠ ସମାଧିସ୍ଥଳକୁ ଭଙ୍ଗାଯାଇ କୌଣସି କାର୍ଯ୍ୟ କରାଯିବ ନାହିଁ ଏନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ରହିତାଦେଶ ଜାରି ହୋଇଛି। ମାତ୍ର ଏହା ସତ୍ତ୍ୱେ ରାତି ଅଧିଆ ଠିକାସଂସ୍ଥା କାମ ଆରମ୍ଭ କରିଛି। ଫଳରେ ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଥାନା ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଯେ, ସଠିପୁର-ଯାଜପୁର ରାସ୍ତା ଦୁଇ ଥାକିଆ କରାଯାଉଛି। ଏଥିପାଇଁ ଏହି ରାସ୍ତାର ରୁଢ଼ିଆସ୍ଥିତ ମଠ ଉଚ୍ଛେଦ ପାଇଁ କୌଣସି ଆଲୋଚନା ନ କରି କାମ କରିବା ନେଇ ଗ୍ରାମବାସୀଙ୍କ ବିରୋଧ ସହ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ମଠ ମାରଫଦାର ହରପ୍ରିୟା ପଣ୍ଡା। ଉଚ୍ଚ ନ୍ୟାୟାଳୟ ୧ ଏକର ୩୯ ଡିସିମିଲ ଉପରେ ମଠ ସମ୍ପତ୍ତି ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ପ୍ରଦାନ କରିଥିଲେ। ସେହି ଅନୁଯାୟୀ କାର୍ଯ୍ୟବନ୍ଦ ରହିଥିଲା। ମାତ୍ର ସୋମବାର ରାତିରେ ଠିକାସଂସ୍ଥା ଜୋରଜବରଦସ୍ତ ମଠ ସମାଧି ଅଞ୍ଚଳରେ କାର୍ଯ୍ୟାରମ୍ଭ କରିଛି। ଏହାକୁ ଗ୍ରାମବାସୀ ଓ ମାରଫଦାର ପହଞ୍ଚି ବିରୋଧ କରିଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଅବମାନନା କରି କାମ କରାଯାଉଥିବା ବେଳେ ପୋଲିସର ନିଷ୍କ୍ରିୟତା ନେଇ ଉଠିଛି ପ୍ରଶ୍ନ। ମଠ ସମ୍ପତ୍ତିକୁ ନେଇ ଉଚ୍ଚ ନ୍ୟାୟାଳୟର ଜବାବ ରଖିବା ପରିବର୍ତ୍ତେ ଜୋର ଜବରଦସ୍ତ ନିର୍ମାଣକୁ ଗ୍ରାମାବସୀଙ୍କ ବିରୋଧକୁ ସ୍ଥାନୀୟ ଅଞ୍ଚଳବାସୀ ଯଥାର୍ଥତା ବୋଲି କହୁଛନ୍ତି। ବିକାଶ ହେଉ କିନ୍ତୁ ବିକାଶ ନାମରେ ପୁରାତନ ମଠ ମନ୍ଦିରକୁ ଧ୍ୱଂସ କରା ନ ଯାଉ। ମଠ ମାରଫଦାର ଓ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ଜବରଦସ୍ତ ରାସ୍ତା ନିର୍ମାଣକୁ ସମସ୍ତେ ନାପସନ୍ଦ କରିଛନ୍ତି। ତେବେ ପୋଲିସ ଏ ଦିଗରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ସମସ୍ତେ ଚାହିଁ ରହିଛନ୍ତି।

### ୨୦୪୭ ସୁଦ୍ଧା ପାରାଦୀପ ବନ୍ଦର ସାମର୍ଥ୍ୟ ୫୦୦ ନିୟୁତ ଟନ୍ ହେବ

**ନୂଆଦିଲ୍ଲୀ,୧୩।୧୨ :** ୨୦୪୭ ସୁଦ୍ଧା ପାରାଦୀପ ବନ୍ଦରର ପଣ୍ୟ କାରବାର ସାମର୍ଥ୍ୟ ୫୦୦ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ହେବ ବୋଲି ମଙ୍ଗଳବାର ରାଜ୍ୟ ସଭାରେ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ଉଚ୍ଚ ସଦନରେ ପ୍ରଶ୍ନୋତ୍ତର ସମୟରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ପାରାଦୀପ ଭାରତର ଅନ୍ୟତମ ବୃହତ୍ ବନ୍ଦର ଏବଂ ଏହାର ମାଲ୍ ପରିବହନ ସାମର୍ଥ୍ୟ ସର୍ବାଧିକ। ଏହାର ପରିବେଶ ଅନନ୍ୟ। ଅନ୍ୟତମ ସବୁଠୁ ଲାଭଦାୟକ ବନ୍ଦର ପାରାଦୀପ ଭବିଷ୍ୟତରେ ମେଗା ବନ୍ଦରରେ ପରିଣତ ହେବା ଲାଗି ଲକ୍ଷ୍ୟ ରଖିଛି। ସେଥିପାଇଁ ୨୦୪୭ ସୁଦ୍ଧା ବନ୍ଦର ମାଲ୍ ପରିବହନ ସାମର୍ଥ ୫୦୦ ନିୟୁତ ଟନ୍‌ରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଲକ୍ଷ୍ୟ ହାସଲ ଲାଗି ସମସ୍ତ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ ବୋଲି ସୋନୋୱାଲ କହିଛନ୍ତି। ପାରାଦୀପ ବନ୍ଦରର କ୍ଷମତା ବୃଦ୍ଧି ଲାଗି ମନ୍ତ୍ରଣାଳୟର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିଜେଡି ଏମ୍‌ପି ସସ୍ମିତ୍ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଉପରୋକ୍ତ ଉତ୍ତର ରଖିଥିଲେ।

# ସମସ୍ୟା ଘେରରେ ଉତ୍ତରକୂଳ ଆଦର୍ଶ ବିଦ୍ୟାଳୟ




ଆଦର୍ଶ ବିଦ୍ୟାଳୟ କୋଠା ଓ ବିଦ୍ୟାଳୟକୁ ଯିବାକୁ ଥିବା ଖାଲଖମା ରାସ୍ତା।

- ବିଦ୍ୟାଳୟକୁ ଯିବାକୁ ରାସ୍ତା ନାହିଁ
- ପାଚେରି, ସାଇକେଲ୍ ଷ୍ଟାଣ୍ଡ୍ ହୋଇନାହିଁ

**ପ୍ରୀତିପୁର,୧୩।୧୨(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ୍ ଅଧୀନ ଉତ୍ତରକୂଳ ପଞ୍ଚାୟତର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନାନା ସମସ୍ୟାଘେରରେ ରହିଛି। ୨୦୨୦ରୁ ଏଠାରେ ଶିକ୍ଷାଦାନ ଆରମ୍ଭ ହୋଇଛି। ଚଳିତ ବର୍ଷ ଏହି ବିଦ୍ୟାଳୟରେ ୨୨୪ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟରେ ଚଳିତବର୍ଷ ୬ଷ୍ଠ ଶ୍ରେଣୀରେ ୭୯, ୭ମ ଶ୍ରେଣୀରେ ୭୫ ଓ ୮ମ ଶ୍ରେଣୀରେ ୭୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି। ଏଥିନିମନ୍ତେ ୮ ଶିକ୍ଷକ ଓ ୨ ଅତିଥି ଶିକ୍ଷକ ନିୟୋଜିତ ହୋଇଛନ୍ତି। ୩ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ କାର୍ଯ୍ୟରତ ଅଛନ୍ତି। ତେବେ ମୁଖ୍ୟରାସ୍ତାଠାରୁ ବିଦ୍ୟାଳୟର ଦୂରତା ପ୍ରାୟ ୫ଶହ ମିଟରରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ସେଥି ନିମନ୍ତେ ଭଲ ରାସ୍ତାଟିଏ ନାହିଁ। କଚ୍ଚା ଓ ଖାଲଖମା ରାସ୍ତା ହୋଇଥିବାରୁ ଅଧିକାଂଶ ସମୟରେ ପିଲା ଏହି ରାସ୍ତାରେ ପଡି ଆହତ ହେଉଥିବା ଦେଖାଯାଇଛି। ସାମାନ୍ୟ ବର୍ଷାହେଲେ ଏହି ରାସ୍ତାରେ ଯାତାୟାତ ଅସମ୍ଭବ ହୋଇପଡୁଛି। ବିଦ୍ୟାଳୟରେ ପାଚେରି ନ ଥିବାରୁ ବୁଲା ଗାଈଗୋରୁ ଅବାଧରେ ପ୍ରବେଶ କରୁଛନ୍ତି। ମଦ୍ୟପମାନେ ଆଡ୍ଡା ଜମାଉଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ସାଇକେଲ ଷ୍ଟାଣ୍ଡଟିଏ ନାହିଁ। ବିଦ୍ୟାଳୟ ପରିସରରେ ବ୍ୟାପକ ଜାଗା ରହିଥିଲେ ମଧ୍ୟ ଖେଳପଡ଼ିଆ ହୋଇନାହିଁ। ସ୍ୱଚ୍ଛ ପାନୀୟଜଳର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଆବଶ୍ୟକ ଶୌଚାଳୟ ନାହିଁ। ଅନ୍ୟପକ୍ଷରେ ଉତ୍ତରକୂଳ ପଞ୍ଚାୟତ ପକ୍ଷରୁ ବିଦ୍ୟାଳୟକୁ ଯାତାୟାତ ନିମନ୍ତେ ଏନ୍‌ଆର୍‌ଇଜିଏସ୍‌ରେ ଏକ କଚ୍ଚା ରାସ୍ତା ନିର୍ମାଣ ନିମନ୍ତେ ୫ ଲକ୍ଷ ଓ ବିଦ୍ୟାଳୟରେ ଖେଳପଡିଆ ନିମନ୍ତେ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ସେଠାରେ ଥିବା ସୂଚନାଫଳକରୁ ଜଣାପଡ଼ିଛି। ତେଣୁ ଏସବୁ କାର୍ଯ୍ୟ ଆରମ୍ଭ କରିବା ସହ ଅନ୍ୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି।

# ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



ସାହି ଯୁବକମାନେ ରାସ୍ତା ମରାମତି କରୁଛନ୍ତି।

**ଜେନାପୁର,୧୩।୧୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ୍ ଜେନାପୁର ପଞ୍ଚାୟତ ଅଧୀନ ଜେନାପୁର ଷ୍ଟେଶନ ବଜାର ସାହି ରାସ୍ତାକୁ ସାହିର ଯୁବଗୋଷ୍ଠୀ ମରାମତି କରିଛନ୍ତି। କିଛି ବର୍ଷ ତଳେ ବିପୁଳ ଟଙ୍କା ବ୍ୟୟରେ ଉକ୍ତ ସାହିକୁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ମରାମତି ଅଭାବରୁ ଏବେ ରାସ୍ତାଟି ଦବିଯିବା ସହ ବିଭିନ୍ନ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଛି। ଫଳରେ ସାହି ଲୋକେ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାସ୍ତା ମରାମତି ପାଇଁ ସାହିବାସୀ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ମାତ୍ର ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ତେଣୁ ବାଧହୋଇ ମଙ୍ଗଳବାର ସାହିର ଯୁବକ ଶୁଭେନ୍ଦୁ ଜେନାଙ୍କ ନେତୃତ୍ୱରେ ତନ୍ମୟ ଜେନା ଓ ରଞ୍ଜିତ ବେହେରାଙ୍କ ସମେତ ଅନ୍ୟମାନେ ଏକାଠି ହୋଇ ରାସ୍ତାର ଖାଲଖମା ମରାମତି କରିଛନ୍ତି। ସେମାନଙ୍କ ଏହି କାର୍ଯ୍ୟକୁ ଅଞ୍ଚଳରେ ବହୁ ପ୍ରଶଂସା କରାଯାଇଛି।

# ସର୍କଲସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ସିଂହପୁର,୧୩।୧୨(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସର୍କଲସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ସିଆର୍‌ସିସି କେଦାର ନାଥ ଦାସ, ମନୋଜ ମହାଳିକ, ରବୀନ୍ଦ୍ର ମଲିକ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଦାସ, ପ୍ରତାପ ପାତ୍ର ଓ ଅକ୍ଷୟ ଧଳ ପ୍ରମୁଖ ଯୋଗ ଦେଇଥିଲେ। ବିଇଓ ବିଶ୍ୱାଳ ଉପସ୍ଥିତ ପ୍ରଧାନଶିକ୍ଷକଙ୍କୁ ସରକାରଙ୍କ ବିଭିନ୍ନ ନିୟମ ସମ୍ପର୍କରେ କହିଥିଲେ। ସମ୍ମିଳନୀରେ ସର୍କଲସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ରହିଥିଲେ।




ସର୍କଲସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ହୋଟେଲ କର୍ମଚାରୀଙ୍କୁ ଅପହରଣ, ଟଙ୍କା ଲୁଟ୍

## ହୋଟେଲରେ ମଦ୍ୟପାନକୁ ବିରୋଧ କରିବା ମହଙ୍ଗା ପଡ଼ିଲା

**ପାଣିକୋଇଲି,୧୩।୧୨(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁରସ୍ଥିତ ଶୁଭମ୍ ହୋଟେଲରେ ମାଲିକ ମଦ ପିଇବାକୁ ବିରୋଧ କରିବାରୁ ତୁମୁଳ କାଣ୍ଡ ଘଟିଛି। ମଦ୍ୟପ ଯୁବକମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ହୋଟେଲରେ ଭାଙ୍ଗାରୁଜା, ମାରପିଟ କରିବା ସହ ଜଣେ କର୍ମଚାରୀଙ୍କୁ ଅପହରଣ କରି ନେଇଛନ୍ତି। ଏଥିସହିତ ସେ ବ୍ୟାଙ୍କରେ ଜମା କରିବାକୁ ନେଉଥିବା ଟଙ୍କା ଓ ସୁନା ଲୁଟି ନେଇଛନ୍ତି। ଏନେଇ ହୋଟେଲ ମାଲିକ ମଦନ ମୋହନ ନାୟକ ଥାନାରେ ଅଭିଯୋଗ କରିବା ପରେ ପାଣିକୋଇଲି ଓ ଯାଜପୁର ପୋଲିସ ମିଳିତ ଉଦ୍ୟମରେ ଅପହରଣ ହୋଇଥିବା କର୍ମଚାରଙ୍କୁ ଉଦ୍ଧାର କରାଯାଇଛି।

ସୋମବାର ରାତିରେ ଯାଜପୁର ଥାନା ମୋଟରଙ୍ଗାପାଳ ଅଞ୍ଚଳର କେତେଜଣ ଯୁବକ ହୋଟେଲରେ ପହଞ୍ଚି ସେଠାରେ ମଦ ପିଇବାକୁ ଚାହିଁଥିଲେ। ମାଲିକ ନାୟକ ଏହାକୁ ବିରୋଧ କରିଥିଲେ। ଫଳରେ ଯୁବକମାନେ ପଦାରେ ଟେବୁଲ ପକାଇ ମଦ ପିଇବାକୁ କହିଥିଲେ। ହେଲେ ସେଠାରେ ମଦ ନିଷେଦ୍ଧ କରାଯାଇଥିବା ହୋଟେଲ ମାଲିକ ଜଣାଇଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯୁବକ ମାନେ ଗାଳି ଗୁଲଜ କରି ଫେରିଯାଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ୫୦ରୁ ୬୦ ଯୁବକ ୫ଟି ବଲୋରୋରେ ଆସି ହୋଟେଲରେ ଅତର୍କିତ ଆକ୍ରମଣ କରିଥିଲେ। ପରେ ହୋଟେଲ କର୍ମଚାରୀ ବିଶ୍ୱନାଥ କାଣ୍ଡିଙ୍କୁ ଅପହରଣ କରି ନେବା ସହ ସେ ବ୍ୟାଙ୍କକୁ ଜମା କରିବାକୁ ନେଉଥିବା ୧ ଲକ୍ଷ ଟଙ୍କା ସହ ତାଙ୍କ ବ୍ୟକ୍ତିଗତ ୩୫୦୦ ଟଙ୍କା, ୨ ସୁନାମୁଦିଓସୁନାଚେନନେଇଯାଇଥିଲେ।

# କେଡିଏମ୍ କ୍ରିକେଟ: କମାଗଡ଼, ସାହାଣୀଢ଼ିହ ବିଜୟୀ

**ଧର୍ମଶାଳା,୧୩।୧୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଗଡ଼ମଧୁପୁର ଖେଳପଡ଼ିଆରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ(କେଡିଏମ୍) କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ ଦିବସରେ ୨ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଜେନାପୁରକୁ ୨୫ରନରେ ପରାସ୍ତ କରି କମାଗଡ଼ ବିଜୟୀ ହୋଇଥିଲା। ୨ୟ ମ୍ୟାଚ୍‌ରେ ମହିଶରାକୁ ୫ ଉଇକେଟରେ ପରାସ୍ତ କରି ସାହାଣୀଢ଼ିହ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ କମାଗଡ଼ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପପୁ ସ୍ୱାଇଁ ୭୪ ଓ ଦଶରଥ ସ୍ୱାଇଁ ୩୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଜେନାପୁର ଟିମ୍‌ର ବିଶ୍ୱଭୂଷଣ ବରାଳ ୪ ଓ ପ୍ରିୟବ୍ରତ ଦାସ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଜେନାପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୫୦ରନ କରି ପରାଜିତ ହୋଇଥିଲା। ଦଳପକ୍ଷରୁ ପ୍ରିୟବ୍ରତ ଦାସ ୪୨ ଓ ରଞ୍ଜିତ ବରାଳ ୨୮ ରନ ସଂଗ୍ରହ କରିଥିଲେ। ବିପକ୍ଷ କମାଗଡ଼ ଟିମ୍‌ର ପ୍ରଫୁଲ୍ଲ ଭଞ୍ଜ ୩ ଓ ପବିତ୍ର ସାହୁ ୨ ଉଇକେଟ ନେଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ମହିଶରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରୁ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ବିଶ୍ୱରଞ୍ଜନ ବେହେରା ୨୯ ଓ ରାଜେନ୍ଦ୍ର ପରିଡ଼ା ୧୦ରନ ସଂଗ୍ରହ କରିଥିଲେ। ବିପକ୍ଷ ସାହାଣୀଢ଼ିହ ଟିମ୍‌ର ଜିତେନ୍ଦ୍ର ଓଝା ୪ ଓ ଗୋପୀନାଥ କରଣ ୩ ଉଇକେଟ ନେଇଥିଲେ। ଜବାବରେ ସାହାଣୀଢ଼ିହ ଟିମ ୭.୩ ଓଭରରେ ୫ଉଇକେଟ ହରାଇ ୯୮ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଂଗ୍ରାମ ଜେନା ୩୫ ଓ ସଂଗ୍ରାମ ପାତ୍ର ୨୧ ରନ କରିଥିଲେ। ବିପକ୍ଷ ଦଳର କାହ୍ନୁଚରଣ ବାରିକ ୨ ଓ ତପନ ମଲିକ ୧ ଉଇକେଟ ନେଇଥିଲେ। ଉଭୟ ମ୍ୟାଚ୍‌କୁ ନାରାୟଣ ପାଲ, କାର୍ତ୍ତିକ ଗୁରୁ ଓ ସ୍ୱୟମ ସିର୍ଦ୍ଧାର୍ଥ ମହାନ୍ତି ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ବୃନ୍ଦାଦେଇପୁର ସହିତ କମାଗଡ଼ ଓ ଦ୍ୱିତୀୟ ମ୍ୟାଚ୍ ଅଣ୍ଡିଆ ସହିତ ସାହାଣୀଢ଼ିହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ଅନ୍ଧକାରରେ କାଏମା ବଜାର, ଜଳୁନି ଷ୍ଟ୍ରିଟ୍ ଲାଇଟ

**କାଏମା,୧୩।୧୨(ଡି.ଏନ.ଏ.)** ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ବଜାରରେ ଏବେବି ଜଳୁନି କୌଣସି ଷ୍ଟ୍ରିଟ ଲାଇଟ। ୨୦୧୬ରେ ଏହି ଷ୍ଟ୍ରିଟ ଲାଇଟ ଆଲୋକିକରଣର ସେବା ଶୁଭାରମ୍ଭ ହୋଇଥିଲା । ତେବେ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ବଜାରରେ ଡ୍ରେନେଜ ନିର୍ମାଣ ଯୋଗୁ ଏ ଲାଇଟର ତାର ଗୁଡ଼ିକୁ ଖୋଲି ଦିଆ ଯାଇଥିଲା। ସେବେଠୁ ଆଜିଯାଏ ଅନ୍ଧକାର ଭିତରେ ରହି ଆସିଛି କାଏମା ବଜାର । କିଛି ସ୍ଥାନରେ ଲାଗି ଥିବା ଖୁଣ୍ଟ ଗୁଡ଼ିକୁ ବି ଆଉ ଦେଖିବାକୁ ମିଳୁନାହିଁ । ଦିନକୁ ଦିନ ଆଖ ପାଖ ଅଞ୍ଚଳରେ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବାବେଳେ ପ୍ରଶାସନର ନିଦ ଭାଙ୍ଗୁନି ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ବଜାରରେ ପ୍ରାୟଦେଢ଼ ଶହରୁ ଅଧିକ ଛୋଟବଡ଼ ଦୋକାନୀ ବ୍ୟବସାୟ କରନ୍ତି । ବ୍ୟାଙ୍କି ସେବା ଯୋଗାଇ ଦେବା ଲକ୍ଷ୍ୟ ରଖି ଏଠାରେ ଏକ ଏଟିଏମ୍ ରହିଛି। କିଛି ଦିନ ଆଗରୁ ଉକ୍ତ ଏଟିଏମ୍‌ରୁ ବ୍ୟାଟେରି ଚୋରି ଅଭିଯୋଗ ହୋଇଥିଲା। ବଜାର ଜଗୁଆଳିକୁ ଆକ୍ରମଣ ମଧ୍ୟ ହେଇଥିବା କଥା ସାମ୍ନାକୁ ଆସିଛି। ନିୟମିତ ବ୍ୟବଧାନରେ ଏଠାରେ ଚୋରି ଲୁଟ ଆଦି ଘଟଣା ଘଟୁଥିବାରୁ ବ୍ୟବସାୟୀମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେଣୁ ଆଲୋକିକରଣ କରିବାକୁ ବ୍ୟବସାୟୀ ମହଲରେ ଦାବି ହୋଇଛି।




ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ଅନ୍ଧାରରେ କାଏମା ବଜାର।

# କେଏନ୍‌ସିଏ ଯାଜପୁର ରୋଡ୍ ବିଜୟୀ

## ଯାଜପୁର ଜିଲା ଜୁନିୟର୍ ଆନ୍ତଃ କ୍ଲବ୍ କ୍ରିକେଟ୍

**ଯାଜପୁର ଟାଉନ,୧୩।୧୨(ଡି.ଏନ.ଏ.):** ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ମିଳିତ ଉଦ୍ୟମରେ ନାଥସାହି ନୂଆପଡ଼ା ଖେଳପଡ଼ିଆଠାରେ ଚାଲିଥିବା ଜିଲା ଜୁନିୟର୍ ଆନ୍ତଃକ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟର ୮ମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେଏନ୍‌ସିଏ ଯାଜପୁର ରୋଡ୍ ବିଜୟୀ ହୋଇଛି।

ମ୍ୟାଚ୍‌କୁ ପୂର୍ବତନ ସରପଞ୍ଚ ମାନସ ରାୟ ଓ ବୃନ୍ଦାବନ ଜେନା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚ୍ କେଏନ୍‌ସିଏ ଯାଜପୁର ରୋଡ୍ ସହିତ କେଡିଏମ୍ ଜାରକା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେଡିଏମ୍ ଜାରକା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୯ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୧୩ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ସାମଲ ସର୍ବାଧିକ ୩୨ରନ୍ ସଂଗ୍ରହ କରିଥିଲେ। କେଏନ୍‌ସିଏ ଯାଜପୁର ରୋଡ୍‌ର ବୋଲର ସୌରଭ ଗୋଛାୟତ ୪ ଓଭର ବୋଲିଂ କରି ୧୬ ରନ୍ ଦେଇ ୪ ଉଇକେଟ୍, ପ୍ରଜ୍ଞାନ ପଣ୍ଡା ୭ ଓଭର ବୋଲିଂ କରି ୩୦ରନ୍ ଦେଇ ୩ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବ୍‌ରେ କେଏନ୍‌ସିଏ ଯାଜପୁର ରୋଡ୍ ଦଳ ବ୍ୟାଟିଂ କରି କୌଣସି ଉଇକେଟ୍ ନ ହରାଇ ୧୧୪ ରନ୍ ସଂଗ୍ରହ କରି ବିଜୟ ହାସଲ୍ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ଜେନା ୫୧ ଓ ଅନିକେତ ଧୀର ୩୩ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ। ମ୍ୟାଚ୍‌କୁ ଅମ୍ପାୟର୍ ଭାବେ ଆଶୁତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ।



ଅତିଥି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ବନ୍ୟା ସହାୟତା ଅର୍ଥ ପାଇଲେନ ଚାଷୀ

## ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ

**ପ୍ରୀତିପୁର,୧୩।୧୨(ଡି.ଏନ.ଏ.)** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀଙ୍କୁ ବନ୍ୟା ସହାୟତା ରାଶି ଏଯାଏ ମିଳି ନାହିଁ। ଏହିମର୍ମରେ ମଙ୍ଗଳବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭାରପ୍ରାପ୍ତ ତହସିଲଦାର ମୀନତି ଜଗଦେବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ୨୦୨୧ ଖରିଫ ଋତୁରେ ବନ୍ୟା ଓ ଲଗାଣ ବର୍ଷା ପ୍ରଭାବରେ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନରେ ସରକାର କାଳ ବିଳମ୍ବ କରିବାରୁ ମଇ ୬ ତାରିଖ ୨୦୨୨ରେ ବିଞ୍ଝାରପୁର ତହସିଲଦାର କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା । ଫଳରେ ଚାଷୀଙ୍କ ଜମା ଖାତାକୁ ଇନପୁଟ ସବସିଡି ପ୍ରଦାନ କରାଯାଇଥିଲେ ମଧ୍ୟ ପ୍ରାୟ ଅର୍ଦ୍ଧାଧିକ ଚାଷୀଙ୍କ ଏକାଉଣ୍ଟ ନମ୍ବର ଭୁଲ ଦର୍ଶାଇ ସେମାନଙ୍କ ଜମାଖାତାକୁ ଅଦ୍ୟାବଧି କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ। ଦୁଇ ସପ୍ତାହ ତଳେ ଯେଉଁ ୧୮୦ ଜଣଙ୍କ ଜମାଖାତାକୁ ଇନପୁଟ ସବସିଡି ଛଡ଼ାଯାଇଛି, ତାହା ବି ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ସେମାନେ ମଧ୍ୟ ଟଙ୍କା ପାଇ ପାରିନାହାନ୍ତି। ବାରମ୍ବାର ଚାଷୀ ତହସିଲ କାର୍ଯ୍ୟାଳୟରୁ ଆରଆଇ ଇ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇ ସାରିଛନ୍ତି। ନିଜର ଜମାଖାତା ଓ ଆଧାର କାର୍ଡ ନକଲ ଅଫିସରେ ଜମା କରିଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ବେପରୁଆ ଓ ଖାମଖିଆଲି ମନୋବୃତ୍ତି ଯୋଗୁ ଆଜକୁ ବର୍ଷେ ହେବ ଚାଷୀ ତାର ପ୍ରାପ୍ୟ ରାଶି ପାଇବାରୁ ବଞ୍ଚିତ ହୋଇଛ । ଘରୋଇ ବ୍ୟାଙ୍କରେ ସରକାର ଚାଷୀଙ୍କ ଟଙ୍କା ରଖିଥିବାରୁ ବ୍ୟାଙ୍କ ମଧ୍ୟ ସେମାନଙ୍କ ଫାଇଦା ପାଇଁ ତୁରନ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ଅର୍ଥ ନଦେଇ ଅଟକାଇ ରଖୁଛନ୍ତି। ଏଭଳି ସ୍ଥିତିରେ ଚାଷୀ କ୍ଷତିପୂରଣ ଅର୍ଥ ନପାଇ ରବି ଫସଲ ପାଇଁ ବେଉଷଣ ମଧ୍ୟ କରିପାରୁ ନାହାନ୍ତି। ବିଞ୍ଝାରପୁର ତହସିଲର ୪୬ ଟି ଗ୍ରାମକୁ ଇନପୁଟ ସବସିଡି ଆସିଥିଲେ ବି ବହୁ ଗାଁ କୁ ଅଣଦେଖା କରାଯିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାତ ଦିନ ମଧ୍ୟରେ ସବ୍‌ସିଡି ଅର୍ଥ ପ୍ରଦାନ ନ କଲେ ସଙ୍ଗଠନ ପକ୍ଷରୁ ବିଞ୍ଝାରପୁର ତହସିଲ ଅଫିସ୍ ସମ୍ମୁଖରେ ଅନଶନ କରାଯିବ ବୋଲି କୃଷକ ନେତା ସନାତନ ସାହୁ, ଭୁବନାନନ୍ଦ ସାମଲ, ରବୀନ୍ଦ୍ର ଯେନା, ବଳରାମ ବଳ, ଧନେଶ୍ୱର ସାମଲ, ଉପେନ୍ଦ୍ର ରାଉତ, ପ୍ରଫୁଲ୍ଲ ରାଉତ, ନଟବର ଜେନା, ସନ୍ତୋଷ ଧଳ, ସଂଜୀବ ସାମଲ, ଗୋବିନ୍ଦ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।




ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭାରପ୍ରାପ୍ତ ତହସିଲଦାର ମୀନତି ଜଗଦେବଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ୨୦୪୭ ସୁଦ୍ଧା ପାରାଦୀପ ବନ୍ଦର ସାମର୍ଥ୍ୟ ୫୦୦ ନିୟୁତ ଟନ୍ ହେବ

**ନୂଆଦିଲ୍ଲୀ,୧୩।୧୨ :** ୨୦୪୭ ସୁଦ୍ଧା ପାରାଦୀପ ବନ୍ଦରର ପଣ୍ୟ କାରବାର ସାମର୍ଥ୍ୟ ୫୦୦ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ହେବ ବୋଲି ମଙ୍ଗଳବାର ରାଜ୍ୟ ସଭାରେ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ଉଚ୍ଚ ସଦନରେ ପ୍ରଶ୍ନୋତ୍ତର ସମୟରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ପାରାଦୀପ ଭାରତର ଅନ୍ୟତମ ବୃହତ୍ ବନ୍ଦର ଏବଂ ଏହାର ମାଲ୍ ପରିବହନ ସାମର୍ଥ୍ୟ ସର୍ବାଧିକ। ଏହାର ପରିବେଶ ଅନନ୍ୟ। ଅନ୍ୟତମ ସବୁଠୁ ଲାଭଦାୟକ ବନ୍ଦର ପାରାଦୀପ ଭବିଷ୍ୟତରେ ମେଗା ବନ୍ଦରରେ ପରିଣତ ହେବା ଲାଗି ଲକ୍ଷ୍ୟ ରଖିଛି। ସେଥିପାଇଁ ୨୦୪୭ ସୁଦ୍ଧା ବନ୍ଦର ମାଲ୍ ପରିବହନ ସାମର୍ଥ ୫୦୦ ନିୟୁତ ଟନ୍‌ରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଲକ୍ଷ୍ୟ ହାସଲ ଲାଗି ସମସ୍ତ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ ବୋଲି ସୋନୋୱାଲ କହିଛନ୍ତି। ପାରାଦୀପ ବନ୍ଦରର କ୍ଷମତା ବୃଦ୍ଧି ଲାଗି ମନ୍ତ୍ରଣାଳୟର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିଜେଡି ଏମ୍‌ପି ସସ୍ମିତ୍ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଉପରୋକ୍ତ ଉତ୍ତର ରଖିଥିଲେ।

### ଟ୍ରେଲରକୁ ପଛରୁ ଧକ୍କାଦେଲା ଆଇଚର, ଚାଳକ ଗୁରୁତର

**ଧର୍ମଶାଳା,୧୩।୧୨(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଟ୍ରେଲରକୁ ଆଇଚର ପଛରୁ ଧକ୍କା ଦେଇଛି। ଏଥିରେ ଆଇଚର ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ମାର୍ଶାଘାଇ, ୧୩।୧୨(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକର ବରିଷ୍ଠ ଖବରଦାତା ତଥା ମାର୍ଶାଘାଇ ପ୍ରେସ୍ କ୍ଲବର ସମ୍ପାଦକ ପ୍ରମୋଦ କୁମାର ଦାସଙ୍କ ବାପା ତଥା ଅବସରପ୍ରାପ୍ତ ଶିକ୍ଷକ ରମେଶ(୮୨)ଙ୍କ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ରହି ନିଜ ପେଣ୍ଠ ବାସଭବନରେ ଚିକିତ୍ସିତ ହେଉଥିଲେ। ଦାସ ଶିକ୍ଷକତା କାଳରେ ଛାତ୍ରୀଛାତ୍ର, ଅଭିଭାବକ ଓ ନିଜ ସହକର୍ମୀମାନଙ୍କ ମଧ୍ୟରେ ବେଶ ଆଦୃତ ହୋଇଥିଲେ। ଅବସର ପରେ ଗ୍ରାମରେ ବିଭିନ୍ନ ସାମାଜିକ ଓ ଆଧାତ୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ପରଲୋକ ଖବର ପାଇ ମାର୍ଶାଘାଇ ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶୈଳେନ୍ଦ୍ର ସାମଲଙ୍କ ସମେତ ବହୁ ପୁରାତନ ଶିକ୍ଷକ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ଦାସଙ୍କ ବିୟୋଗରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ପ୍ରମୋଦ ମୁଖାଗ୍ନି ଦେଇଥିଲେ।

# ସମ୍ପତ୍ତି ପାଇଁ ବଡ଼ ଭଉଣୀକୁ କଟୁରିରେ ହାଣିଲେ ଭାଇ

**ଆଳି,୧୩।୧୨(ଡି.ଏନ.ଏ.)**


ଆକ୍ରମଣରେ ଆହତ ହୋଇଥିବା ମମତା ମଲ୍ଲିକ।

ଯେଉଁ ହାତ ଭଉଣୀର ବିପଦ ସମୟରେ ସୁରକ୍ଷା ପାଇଁ ବଢି ଆସେ ସେହି ହାତ ମଙ୍ଗଳବାର ଭଉଣୀ ଜୀବନ ନେବାକୁ ଆଗକୁ ଆସିଥିଲା। ପାରିବାରିକ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ଭଉଣୀକୁ କଟୁରୀରେ ଭାଇର ଆକ୍ରମଣ ଘଟଣା ଏବେ ଚଞ୍ଚଲ୍ୟ ସୃଷ୍ଟି କରିଛି। ଭାଇ ଆକ୍ରମଣରେ ଭଉଣୀ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲ ଯାଇଥିବା ସୂଚନା ମିଳିଛି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ କଳସପୁର ପଞ୍ଚାୟତ ହରିଜନ ସାହିରେ।

ଗ୍ରାମର ନବୀନ ମଲ୍ଲିକଙ୍କ ପରିବାର କହିଲେ, ସ୍ତ୍ରୀ ସରସ୍ୱତୀ, ବଡ଼ଝିଅ ମମତା ଓ ପୁଅ ବ୍ରହ୍ମାନନ୍ଦ ମଲ୍ଲିକ(ଟିମା )। ଭଉଣୀ ମମତା ସଙ୍ଗୀତ କଳାକାର ଭାବେ ଯାତ୍ରା ଓ ବ୍ରାସ ବ୍ୟାଣ୍ଡ ପାର୍ଟିରେ କାର୍ଯ୍ୟ କରିଥାନ୍ତି। ପ୍ରାୟ ୧୫ ବର୍ଷ ପୂର୍ବେ ସେ ବିବାହ କରିଥିଲେ। ପରେ ବିବାହ ବିଚ୍ଛେଦ ହେବାରୁ ମମତା ବାପ ଘରେ ରହୁଥିଲେ। ଅଧିକାଂଶ ସମୟ ମମତା ବାହାରେ ରୁହନ୍ତି। ତାଙ୍କ ଦୁଇପୁଅ ମଧ୍ୟ ବାହାରେ କାମ କରିଥାନ୍ତି। କିନ୍ତୁ ମମତା ଓ ତାଙ୍କ ଭାଇ ବ୍ରହ୍ମାନନ୍ଦ ମଧ୍ୟରେ କିଛିଦିନ ହେବ ସମ୍ପତ୍ତି ଭାଗବାଣ୍ଟକୁ ନେଇ ତିକ୍ତତା ଲାଗି ରହିଥିଲା। କିଛିଦିନ ପୂର୍ବେ ପଞ୍ଚାୟତରେ ତାହା ସମାଧାନ ହୋଇଥିଲା। ପୁଣି ଏହି ତିକ୍ତତା ବୃଦ୍ଧି ହେବାରୁ ମାମଲା ଆଳି ଥାନାକୁ ଆସିଥିଲା। ଥାନାରେ ସୋମବାର ସକାଳେ ଘଟଣାର ସମାଧାନ ହେବା ପରେ ରାତିରେ ପଞ୍ଚାୟତର ମୁରବୀ ଶ୍ରେଣୀର ଲୋକମାନେ ପିତୃ ସମ୍ପତ୍ତିକୁ ଉଭୟଙ୍କ ମଧ୍ୟରେ ସମାନ ଢଙ୍ଗରେ ବାଣ୍ଟି କରିଥିଲେ। ମଙ୍ଗଳବାର ଅପରାହ୍ନ ୨ଟାରେ ମମତାଙ୍କୁ କଟୁରୀରେ ଭାଇ ବ୍ରହ୍ମାନନ୍ଦ ଅତର୍କିତ ଆକ୍ରମଣ କରିଥିଲେ। ମମତାଙ୍କୁ କଟୁରୀରେ ଆକ୍ରମଣ କରିବା ଦ୍ୱାରା ତାଙ୍କ ମୁଣ୍ଡ, ମୁହଁ, ହାତ, ବେକ ଆଦି ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଖବରପାଇ କଳସପୁର ସରପଞ୍ଚ ସୁଧୀର ମଲ୍ଲିକ ମମତାଙ୍କୁ ବାଇକ୍‌ରେ ବସାଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ପ୍ରାଥମିକ ଚିକିତ୍ସା କାରାଯାଇ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଆଇଆଇସି ଦିଲୀପ ସାହୁଙ୍କୁ ପଚାରିବାରେ ଘଟଣାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି।

# ଅଙ୍ଗନୱାଡି ଗୃହ ପାଇଁ ଚିହ୍ନଟ ସ୍ଥାନ ପରିବର୍ତ୍ତନ କରିବାକୁ ଦାବି

**ନାଉଗାଁ,୧୩।୧୨(ସ୍ୱ.ପ୍ର)**

## ଜିଲାପାଳଙ୍କୁ ଲିଖିତ ଅଭିଯୋଗ

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଅନ୍ତର୍ଗତ ଭଟଣା ଗ୍ରାମସ୍ଥିତ ଅଙ୍ଗନୱାଡି-୧ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଉକ୍ତ କେନ୍ଦ୍ରର ଗୃହ ନିର୍ମାଣ ପାଇଁ ପୂର୍ବତନ ସରପଞ୍ଚ ସାଗରିକା ବେହେରା ଗାଁ ମୁଣ୍ଡରେ ଥିବା ଏକ ସ୍ଥାନ ଚିହ୍ନଟ କରି ପ୍ରଶସାନକୁ ଜଣାଇଥିଲେ। ତେବେ ସେଠାରେ କେନ୍ଦ୍ର ନିର୍ମାଣ ହେଲେ ଛୋଟ ପିଲାମାନଙ୍କୁ ଯାତାୟାତରେ ଅସୁବିଧା ହେବ ବୋଲି ଗ୍ରାମର ବହୁ ଲୋକ୍ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନ ପରିବର୍ତ୍ତନ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ କ୍ରାନ୍ତିଶିଖା ପରିଡ଼ା, ଜ୍ଞାନରଞ୍ଜନ ସ୍ୱାଇଁ, ଦେବଦତ୍ତ ସ୍ୱାଇଁ, ବାସୁଦେବ ସ୍ୱାଇଁ, ଉଲ୍ଲାସ ଦଳାଇ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱଙ୍କ ଲିଖିତ ଅଭିଯୋଗ ମଙ୍ଗଳବାର ବିଡିଓ ରଶ୍ମିରେଖା ମଲିକଙ୍କ ଜରିଆରେ ଜିଲାପାଳ ପାରୁଲ ପଟୱାରୀଙ୍କ ନିକଟକୁ ପଠାଯାଇଛି। ସେମାନଙ୍କ ଅଭିଯୋଗ ମୁତାବକ, ଯେଉଁ ସ୍ଥାନଟି କେନ୍ଦ୍ର ନିର୍ମାଣ ପାଇଁ ଚିହ୍ନଟ କରାଯାଇଛି ତାହା ଗ୍ରାମର ଶେଷ ମୁଣ୍ଡ ଅଟେ। ଏହି ସ୍ଥାନକୁ ଯିବା ପାଇଁ ସରକାରୀ ରାସ୍ତା ନାହିଁ। ବ୍ୟକ୍ତିଗତ ଜମି ଦେଇ ଉକ୍ତ ସ୍ଥାନକୁ ଯିବାକୁ ପଡିଥାଏ। ଉକ୍ତ ବ୍ୟକ୍ତିଗତ ଜମିକୁ କୌଣସି କାରଣରୁ ବନ୍ଦ କରି ଦିଆଗଲେ ଚିହ୍ନଟ ହୋଇଥିବା ସ୍ଥାନକୁ ଯିବା ପାଇଁ ଅସୁବିଧା ହେବ। ଏଥିଯୋଗୁ ପ୍ରାୟ ୨ କିମି ବାଟ ବୁଲି ଉକ୍ତ ସ୍ଥାନକୁ ଯିବାକୁ ପଡ଼ିବ। ଏତେ ବାଟ ଯିବାକୁ କୁନିକୁନି ପିଲାମାନେ ଅସମର୍ଥ। ଏହାକୁ ଦୃଷ୍ଟିରେ ରଖି ଗ୍ରାମ ମଧ୍ୟରେ ଥିବା ସରକାରୀ ଜମିରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବାକୁ ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି କପିର ନକଲ ତହସିଲଦାର ଓ ସିଡିପିଓଙ୍କ ନିକଟକୁ ପଠାଯାଇଛି।

# ସ୍ୱତନ୍ତ୍ର ଗ୍ରାମସଭାରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨୫୦ ପ୍ରସ୍ତାବ



ଗ୍ରାମସଭାରେ ସରପଞ୍ଚ ସାହେବା ତବସୁମ ଓ ଅନ୍ୟମାନେ।

**ରଘୁନାଥପୁର,୧୩।୧୨(ଡି.ଏନ୍.ଏ.)**

## ଅଧିକାଂଶ ରାସ୍ତା ସମସ୍ୟା ରହିଛି

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ମଙ୍ଗଳବାର ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରପଞ୍ଚ ସାହେବା ତବସୁମ କହିଥିଲେ, ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଲୋକେ ଦେଇଥିବା ୨୫୦ ପ୍ରସ୍ତାବ ମଧ୍ୟରୁ ଅଧିକାଂଶ ଗ୍ରାମ ରାସ୍ତା ସମ୍ପର୍କିତ। ଏହି ପଞ୍ଚାୟତର ଅନେକ ୱାର୍ଡରେ ରାସ୍ତାଘାଟର ସମସ୍ୟା ରହିଛି। ଦୀର୍ଘବର୍ଷ ତଳୁ ନିର୍ମାଣ ହୋଇଥିବା କିଛି କଂକ୍ରିଟ ରାସ୍ତା ଏବେ ଭାଙ୍ଗିରୁଜି ଯାଇଛି। ସେଗୁଡିକର ପୁନରୁଦ୍ଧାର କରିବା ଜରୁରୀ ହୋଇପଡ଼ିଛି ବୋଲି ସରପଞ୍ଚ ସାହେଦା ତବସୁମ ପ୍ରକାଶ କରିଛନ୍ତି। ଏହାଛଡା ପଞ୍ଚାୟତ ଗ୍ରାମ ପୋଖରୀ, ଡ୍ରେନେଜ ସିଷ୍ଟମ, ମିଶନଶକ୍ତି ଗୃହ, ଏଏନ୍ଏମ୍ ସେଣ୍ଟର ଭଳି ଅନେକ ଲୋକଙ୍କ ପାଇଁ ସରକାରୀ ଗୃହ ଓ ମୋ ଗୁହାଳର ଆବଶ୍ୟକତା ରହିଛି ବୋଲି ସରପଞ୍ଚ ତବସୁମ ସୂଚନା ଦେଇଛନ୍ତି। ଗ୍ରାମ ସଭା ଜରିଆରେ ଆଗାମୀ ଏକବର୍ଷ ବିଭିନ୍ନ ଉନ୍ନୟନମୂଳକକାର୍ଯ୍ୟ ପାଇଁ ପ୍ରସ୍ତାବ ଦିଆଯାଇ ଲିଖିତ ଭାବେ ରିଜୋଲ୍ୟୁଶନ ଜରିଆରେ ସରକାରଙ୍କ ଅବଗତି କରାଇବାକୁ ନିଷ୍ପତ୍ତି ହୋଇଛି। ଏଥିରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଜିପିଓ ସ୍ମାରକ ରଞ୍ଜନ ମହାନ୍ତି, ସମିତି ସଭ୍ୟା ସାଗରିକା ତରେଇ, ପିଇଓ ବିଭବ ଦାସ, ଜିଆରଏସ୍ ଗଗନ ଦାସ, ମହିଳା ମହାସଂଘ ସଭାନେତ୍ରୀ ଜ୍ୟୋସ୍ନାରାଣୀ ଖୁଣ୍ଟିଆ ଓ ସମ୍ପାଦିକା ସୌଦାମିନୀ ନାୟକ, ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ସିଲେଇ କେନ୍ଦ୍ରକୁ ଯାଇ ନାବାଳିକା ନିଖୋଜ

**ରସୁଲପୁର,୧୩।୧୨(ଡି.ଏନ.ଏ.)**

କୁଆଖିଆ ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ଅପରାହ୍ନ ୪ଟାରେ ସମ୍ପୃକ୍ତ ୧୬ ବର୍ଷୀୟା ନାବାଳିକା ଏକ ସିଲାଇ କେନ୍ଦ୍ରକୁ ଯିବାକୁ କହି ଘରୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଠାବ କରିବାରେ ବିଫଳ ହେବାପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ନାବାଳିକା ଘରୁ ଗଲାବେଳେ ତାଙ୍କ ବାପାଙ୍କ ମୋବାଇଲ ନେଇ ପଳାଇଛନ୍ତି। ପୋଲିସ ସେ ନେଇଥିବା ମୋବାଇଲର କଲ ଡିଟେଲ୍ସ ରେକର୍ଡ ମଗାଇ ଯାଞ୍ଚ ଆରମ୍ଭ କରିଛି।

# ବିଭିନ୍ନ ମାମଲାରେ ଢିଙ୍କିଆରୁ ୭ ଗିରଫ

**କୁଜଙ୍ଗ,୧୩।୧୨(ଡି.ଏନ୍.ଏ.)**

ବିଭିନ୍ନ ମାମଲାରେ ଅଭୟଚାନ୍ଦପୁର ଥାନା ପୋଲିସ୍ ଢିଙ୍କିଆ ଗ୍ରାମରୁ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ରାମର ଜଣେ ବ୍ୟକ୍ତି ମାଡ଼ ମାରିବା ଅଭିଯୋଗରେ ପୂର୍ବରୁ ଢିଙ୍କିଆ ଗ୍ରାମର ହୃଦାନନ୍ଦ ରାଉତ, ବିଷ୍ଣୁ ଦାସ, ଦିଲୀପ କାଣ୍ଡି, ଅଭୟ ମଲ୍ଲିକ୍, ନାରାୟଣ ମୁଦୁଲିଙ୍କ ନାମରେ ପୂର୍ବରୁ ସ୍ପେଶାଲ ଜିଆର କେସ୍ (ନଂ. ୪/୨୨) ରୁଜୁ କରାଯାଇଥିଲା। କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଦାଲତ ପକ୍ଷରୁ ସେମାନଙ୍କ ନାମରେ ଜାମିନ୍‌ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଏହାକୁ ଭିତ୍ତିକରି ସୋମବାର ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ସୋମବାର ରାତିରେ ପୋଲିସ ଗିରଫ କରିଛି। ସେହିପରି ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ଢିଙ୍କିଆର ଶାନ୍ତି ଦାସ ଓ ତାଙ୍କ ପୁଅ ନୂତନଙ୍କ ନାମରେ ମାମଲା (ନଂ. ୨୧/୨୨) ଓ (ନଂ.୧୪୪/୨୨) ରୁଜୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ଉଭୟ ମା'ଓ ପୁଅଙ୍କୁ ଗିରଫ କରିଛି। ହୃଦାନନ୍ଦ, ବିଷ୍ଣୁ, ଦିଲୀପ, ଅଭୟ. ନାରାୟଣଙ୍କୁ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ସେହିପରି ଶାନ୍ତି ଓ ନୂତନଙ୍କୁ ଏରସମା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ପ୍ରବେଶ ପଥ ହୁଣ୍ଡିରୁ ୨୪ ହଜାର ଟଙ୍କା ଆୟ


ଗୋରଖନାଥ ପୀଠର ପ୍ରବେଶପଥ ହୁଣ୍ଡି ଖୋଲାଯାଇ ଟଙ୍କା ଗଣାଯାଉଛି।

**ରଘୁନାଥପୁର,୧୩।୧୨(ଡି.ଏନ୍.ଏ.)**

## ଗୋରେଖନାଥ ପୀଠ

ରଘୁନାଥପୁର ବ୍ଲକ ଜୟୀପୁର ଜଗତ୍‌ସିଂହପୁର ରାସ୍ତାର କେରେକେରା ଛକ ନିକଟସ୍ଥ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠକୁ ଯିବା ପାଇଁ ଥିବା ପ୍ରବେଶ ପଥ ହୁଣ୍ଡିରୁ ୨୪ ହଜାର ୧୦୬ ଟଙ୍କା ଆୟ ହୋଇଛି।ଦୀର୍ଘ ୬ମାସ ପରେ ପୀଠ ପ୍ରଶାସନର ନିର୍ଦ୍ଦେଶ କ୍ରମେଏହି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। କିରାଣି ସରୋଜ କୁମାର ସାହାଣୀ, ଉପଦେଷ୍ଟା ସୁଶାନ୍ତ କୁମାର ଦାଶ, ସୁରେନ୍ଦ୍ରନାଥ ସ୍ୱାଇଁ, ହାବିଲଦାର ମନୋଜ କୁମାର ବସ୍ତିଆ, ବିଭୁ ପ୍ରସାଦ ବିଶ୍ୱାଳ, ପ୍ରସନ୍ନ ମହାନ୍ତି, ପ୍ରସନ୍ନ ରାୟ ପ୍ରମୁଖ ଉକ୍ତ ଟଙ୍କା ଗଣତି କରିଥିଲେ। ଏହି ଟଙ୍କାକୁ ପ୍ରଭୁଙ୍କ ନାମରେ ଥିବା ବ୍ୟାଙ୍କ ଏକାଉଣ୍ଟରେ ଡିପୋଜିଟ କରାଯିବ ବୋଲି ଉପଦେଷ୍ଟା ଦାଶ ପ୍ରକାଶ କରିଛନ୍ତି। ଗଣତି ସରିବା ପରେ ହୁଣ୍ଡି ବାକ୍ସକୁ ଓଲଡିଂ କରାଯାଇ ସିଲ କରିଦିଆଯାଇଛି।

# ପୃଥକ୍ ସ୍ଥାନରୁ ୨୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ : ୩ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୩।୧୨**


ଗିରଫ ଅଭିଯୁକ୍ତମାନେ।

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଯଶୋବନ୍ତପୁର କାଠପୋଲ ଛକ ନିକଟରୁ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦୫ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଚଢ଼ାଉ ସମୟରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରିୟବ୍ରତ ଜୋଗଣିଆ ଓ ସୁଧାଂଶୁ ଶେଖର ନାୟକ। ସେମାନଙ୍କ ନିକଟରୁ ଏକ ବାଇକ୍ ମଧ ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ପିଆର୍ ମାମଲା (ନଂ. ୭୨/୨୨-୨୩) ରୁଜୁ ହୋଇଛି । ସେହିପରି ବାଲିକୁଦା ଥାନା ବଙ୍ଗାଳିମଠରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୪୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏନେଇ ପିଆର୍ (ନଂ. ୭୯/୨୨-୨୩) ରୁଜୁ କରାଯାଇ ସହୀଦ ଖାନ୍ ନାମକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# ପୁରୁଣା ଦିନର ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର

**ଜଗତ୍‌ସିଂହପୁର,୧୩।୧୨**

ଜଗତ୍‌ସିଂହପୁର ତିରଣସ୍ଥିତ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟରେ ୧୯୭୯ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ତତ୍କାଳୀନ ଶିକ୍ଷକ ସୁଧାକର ଗୁରୁ, ବୃନ୍ଦାବନ ତରେଣିଆ ଏବଂ ଭାସ୍କର ଶତପଥୀ ଯୋଗଦେଇଥିଲେ। ଏନେଇ ଆୟୋଜିତ ସଭାରେ ପୁରାତନ ଛାତ୍ର ରମେଶ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରି ପୁରୁଣା ଦିନର ସ୍ମୃତି ମନେପକାଇଥିଲେ। ସେ ଶିକ୍ଷକମାନଙ୍କ ସହ ବିଦ୍ୟାଳୟରେ ଅତିବାହିତ କରିଥିବା ଘଟଣାବଳୀ ସମ୍ପର୍କରେ କହିଥିଲେ। ଦୀର୍ଘ ୪୩ ବର୍ଷ ପରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଥିଲା। କାର୍ଯ୍ୟକ୍ରମରେ ନିରଞ୍ଜନ ଲେଙ୍କା, ସନ୍ତୋଷ କୁମାର ସ୍ୱାଇଁ, ହରି ମଲ୍ଲ, ଶ୍ରୀକାନ୍ତ ନାୟକ, ସଞ୍ଜୟ ଦାସ, ହାଡ଼ିବନ୍ଧୁ ସୂତାର, ବାସନ୍ତୀ ଶତପଥୀ, ମଞ୍ଜୁବାଳା ଖଣ୍ଡୁଆଳ, ଆଲୋକପ୍ରଭା ମହାନ୍ତି ଓ ଶୈଳବାଳା ଖଣ୍ଡୁଆଳ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୫୫ ଜଣ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

# ସମ୍ପ୍ରସାରଣରେ ବାଧକ ସାଜିବ ବାସଗୃହ, ବିଦ୍ୟୁତ୍ ଖୁଣ୍ଟ

## କୋକିଢିହ-ତେଲସରା ପୂର୍ତ୍ତ ବିଭାଗ ରାସ୍ତା

**ନାଉଗାଁ,୧୩।୧୨(ସ୍ୱ.ପ୍ର.)**


ପୂର୍ତ୍ତ ବିଭାଗ ରାସ୍ତା କାମ ଚାଲିଛି।

ନାଉଗାଁ ବ୍ଲକ ଅନ୍ତର୍ଗତ କୋକଢ଼ିହ-ତେଲସରା ରାସ୍ତାର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ରହିଛି। ଏବେ ଏହାକୁ ସମ୍ପ୍ରସାରଣ କରିବାକୁ ସ୍ଥିର କରାଯାଇଛି। ମାତ୍ର ଏଥିରେ ଅନେକ ବାଧା ଉପୁଜିବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। କୋକଢ଼ିହ- ତେଲସରା ରାସ୍ତା ବ୍ଲକର ଏକ ମୁଖ୍ୟ ରାସ୍ତା ହୋଇଥିବାବେଳେ ପ୍ରତ୍ୟହ ବିଭିନ୍ନ ମାଲବାହୀ, ଯାତ୍ରୀବାହୀ ଗାଡ଼ି ଯାତାୟାତ କରିଥାଏ। ପ୍ରତିବର୍ଷ ଏହି ରାସ୍ତା ମରାମତି ହେଉଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ପୁନର୍ବାର ସମସ୍ୟା ହୋଇଥାଏ। ଏବେ ରାସ୍ତାରୁ ପିଚୁ ସହ କଂକ୍ରିଟ୍ ଉଠିଯାଇଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା।

ପୂର୍ତ୍ତ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତାର ପୁନଃ ନିର୍ମାଣ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତି ଅନୁସାରେ ଠିକାଦାର ନିଯୁକ୍ତ କରାଯାଇ ରାସ୍ତା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ୯ କୋଟି ୭୬ ଲକ୍ଷ ବ୍ୟୟ ବରାଦ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱକୁ ସମ୍ପ୍ରସାରଣ କରିବାକୁ ସ୍ଥିର କରାଯାଇଛି। ପୂର୍ବରୁ ରାସ୍ତାର ଚଉଡା ୩ ମିଟର ରହିଥିବା ବେଳେ ଏବେ ଏହାକୁ ୫.୭୫ ମିଟର କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଠିକାଦାରଙ୍କ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱକୁ ସଫା କରାଯାଉଛି। ତେବେ ରାସ୍ତା ପାର୍ଶ୍ୱରେ ବାସଗୃହ ଓ ବିଦ୍ୟୁତ୍ ଖୁଣ୍ଟ ଏହି କାର୍ଯ୍ୟରେ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି। ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ଉଠା ନ ଗଲେ ଆଗାମୀ ଦିନରେ ଦୁର୍ଘଟଣାର ହେବାର ସମସ୍ୟାକୁ ଏଡ଼ାଇ ଦେଇ ହେବନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାକୁ ଉଠାଇବା ସହ ଯନ୍ତ୍ରୀଙ୍କ ଉପସ୍ଥିତିରେ ରାସ୍ତା କାର୍ଯ୍ୟକୁ ଠିକ୍ ଭାବେ କରିବା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବଳରାମ ସ୍ୱାଇଁ କହିଛନ୍ତି, ଏବେ ଠିକାଦାରଙ୍କ ଦ୍ୱାରା ରାସ୍ତା ସଫେଇ କରାଯାଇ ଗଛ କଟାଯାଉଛି। ଯେଉଁଠାରେ ବାସଗୃହ ରହିଛି, ସେଠାରେ ଅନୁଧ୍ୟାନ କରି ରାସ୍ତା ସମ୍ପ୍ରସାରଣ କରିବାକୁ ବ୍ୟବସ୍ଥା କରାଯିବ। ଏହି ଅନୁସାରେ ମାପ କରାଯାଇ ବିଲ୍ ମଧ କରାଯିବ। ଏଥିସହ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ବିଭାଗ ସହ ଆଲୋଚନା କରାଯିବ।

## ସଂକ୍ଷେପରେ

### ବୁଗୁଡ଼ା ଏନ୍‌ଏସିର ପ୍ରାକ୍ତନ କାଉନସିଲରଙ୍କ ପରଲୋକ

ବୁଗୁଡ଼ା,୧୩।୧୨(ଡି.ଏନ.ଏ.)-ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରାକ୍ତନ କାଉନସିଲର ସତ୍ୟ ନାରାୟଣ ବିଷୋୟୀ(୭୫)ଙ୍କ ପରଲୋକ ଘଟିଛି। ସୋମବାର ସକାଳ ୬ଟାରେ ଶାରୀରିକ ଅସୁସ୍ଥତା ଯୋଗୁ ତାଙ୍କୁ ବୁଗୁଡ଼ା ମେଡିକାଲକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ମହିମା ନଗରସ୍ଥିତ ତାଙ୍କ ବାସଭବନରେ ମୃତଦେହ ପହଞ୍ଚିବା ପରେ ବହୁ ବ୍ୟକ୍ତି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ୧୯୭୩ରେ ଯେତେବେଳେ ବୁଗୁଡ଼ା ପଞ୍ଚାୟତରୁ ଏନ୍‌ଏସିର ମାନ୍ୟତା ପାଇଲା ସେତେବେଳେ ସେ କାଦପଡା ୱାର୍ଡରୁ ପ୍ରଥମ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା

କବିସୂର୍ଯ୍ୟନଗର,୧୩।୧୨(ଡି.ଏନ.ଏ.)- କବିସୂର୍ଯ୍ୟନଗର ସହର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲରେ ମଙ୍ଗଳବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷ ବିଦେଶୀ ଖଟେଇ, ବିଦ୍ୟାଳୟ ସଭାପତି ରୁମା ପୋଲାଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ ସ୍ୱାଇଁ, ଚନ୍ଦ୍ର ଶେଖର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ମିହିର କୁମାର ଶତପଥୀ, ପାଇକ ଜମୁନା ପଞ୍ଚାୟତ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁନନ୍ଦ ଗୌଡ଼, ସାମାଜିକ କର୍ମୀ ଶମ୍ଭୁ ଲିଙ୍ଗମ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପବନ ଚାଳିତ ଯନ୍ତ୍ର, ସ୍ୱଚ୍ଛ ଭାରତ, ବର୍ଷା ଜଳ ଅମଳ ଓ ସଂରକ୍ଷଣ, ଅମ୍ଳଜାନ ଗ୍ୟାସ ଉତ୍ପାଦନ ଓ ସଂରକ୍ଷଣ, ଜଳ ସ୍ରୋତରୁ ବିଜୁଳି ଉତ୍ପାଦନ, ମୃତ୍ତିକା ସଂରକ୍ଷଣ, ଜଳ ବିଶୋଧନ, ଚୁମ୍ବକୀୟ ଶକ୍ତି ଏଭଳି ଅନେକ ବିଜ୍ଞାନ ଉପାଦେୟତା ସମ୍ବନ୍ଧୀୟ ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶିତ କରିଥିଲେ। ୟୁକେଜିଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ଏକ ସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା।

### ୩୮୪ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବେଗୁନିଆପଡ଼ା,୧୩।୧୨-ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନା ଆନୁକୂଲ୍ୟରେ ମଙ୍ଗଳବାର ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ପରିସରରେ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ମାନଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ୧୫ଟି ପଞ୍ଚାୟତର ୫୦୨ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବ୍ଲକ ଅଧକ୍ଷା ରେଣୁ ଗୌଡ଼, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା କଲ୍ୟାଣି ପାତ୍ର, ସମବାୟ ନିର୍ଦ୍ଦେଶକ ହୃଷିକେଶ ମେହେଣାଙ୍କ ସମେତ ବିଭିନ୍ନ ପଞ୍ଚାୟତର ପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାର, ଆହତଙ୍କୁ ମିଳିଲା ସହାୟତା

## ଡଙ୍କଲପାଡୁ ବସ୍ ଟ୍ରାଜେଡି



ମୃତକଙ୍କ ପରିବାର ଓ ଆହତଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଗୋପାଳପୁର,୧୩।୧୨(ଡି.ଏନ୍.ଏ.) ଗତ ୨୦୨୦ ଫେବୃଆରୀ ୯ରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଡରାଜପୁର ଛକ ନିକଟରେ ନିର୍ବନ୍ଧକୁ ଯାଉଥିବା ଏକ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୧୨ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୧୨ଜଣ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ କିଏ ବାପା, କିଏ ମାଆ, ପୁଣି କିଏ ନିଜ ପିଲାଙ୍କୁ ହରାଇଥିଲେ। ମୃତ୍ୟୁବରଣ କରିଥିବା ୧୨ଜଣ ହେଲେ ଡଙ୍କଲପାଡୁ ଗ୍ରାମର ବି. ଏରେମ୍ମା ରେଡ୍ଡୀ, ବି. ଆଦିଆମ୍ମା ରେଡ୍ଡୀ, ସି.ଏଚ କାମରାଜୁ ରେଡ୍ଡୀ, ବି ମୋହିନୀ ରେଡ୍ଡୀ, ବି.ରାମେୟା ରେଡ୍ଡୀ, ସି.ଏଚ. ତୁଳସାମ୍ମା ରେଡ୍ଡୀ, ସନ୍ତୋଷିନୀ ସାହୁ, ବି.ମହାଲକ୍ଷ୍ମୀ ରେଡ୍ଡୀ, ବି.ତାରଣେୟା ରେଡ୍ଡୀ, ଚନ୍ଦନ ବାଡ଼ ଗ୍ରାମର କେ.ସନ୍ଧ୍ୟା ରେଡ୍ଡୀ, ବଡ଼ ଏକସିଙ୍ଗ୍ ଗ୍ରାମର ୟୁ.ଦେବରାଜ ରେଡ୍ଡୀ ଓ ଇନ୍ଦ୍ରାକ୍ଷୀ ଗ୍ରାମର ପି.ଭାରତୀ ରେଡ୍ଡୀ। ଆହତମାନେ ହେଲେ ବି.ସର୍ବେଶ୍ୱର, ସି.ଏଚ ବଳରାମ, ବି.ଶାରଦ. ବି.ଆଙ୍କାମା, ବି.ଜାନକୀ ଆମ୍ମା, ପି.ବାଜୀ, ୟୁ.ସନ୍ତୁ, ୟୁ.ଲାଲୀ, ୟୁ ଦାଲାମା, ବି.କ୍ଷେତ୍ରବାସୀ, ପି.ଲଳିତା, କେ.ଜାନକୀଆମ୍ମା। ଏହି ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ଏନେଇ ଓଡ଼ିଶା ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଥିଲା। ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ କ୍ରମେ ମୃତକଙ୍କ ପରିବାର ଓ ଆହତଙ୍କୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଡଙ୍କଲପାଡୁ ଗ୍ରାମରେ ଥିବା କଲ୍ୟାଣ ମଣ୍ଡପରେ ଟିଙ୍କିଟି ତହସିଲଦାର ବିଶ୍ୱରଞ୍ଜନ ଭୂୟାଁ, ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ, ଟିପିଡିସିଏଲର ଭାରପ୍ରାପ୍ତ ବିଭାଗୀୟ ଯନ୍ତ୍ରୀ ବିଶ୍ୱରଞ୍ଜନ ରାଉତ, କନିଷ୍ଠ ଏସଡିପିଓ ମନୋରଞ୍ଜନ ଭୋଇ, ଡିଓ ରବୀନ୍ଦ୍ର ମଲ୍ଲିକ, ଟିଙ୍କିଟି ବ୍ଲକ ଉପାଧ୍ୟକ୍ଷ ବି.ରେଣୁକାମ୍ମା ରେଡ୍ଡୀ, ସୁପରଭାଇଜର ବିଶ୍ୱନାଥ ବେହେରା, ୟୁ. ପୂର୍ଣ୍ଣିମା, ସୁଧାକର ରେଡ୍ଡୀ, ତୁଳସେୟା ରେଡ୍ଡୀଙ୍କ ଉପସ୍ଥିତିରେ ୧୨ଜଣ ମୃତକ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ୧୨ ଜଣ ଗୁରୁତର ଆହତଙ୍କୁ ୭୫ ହଜାର ଟଙ୍କା ଲେଖାଏଁ ଚେକ୍ ଆକାରରେ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ବି ଶାରଦାଙ୍କ ଦୁଇଟି ଗୋଡ଼ କଟିଯାଇଥିବା ଫଳରେ ସେ ଅକର୍ମଣ୍ୟ ହୋଇଯାଇଥିଲେ। ତେଣୁ ତାଙ୍କୁ ଅଧିକ ସହାୟତା ନିମନ୍ତେ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହା ସହ ଜିଲା ପ୍ରଶାସନ ତାଙ୍କୁ ଦୁଇଟି କୃତ୍ରିମ ଗୋଡ଼ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇ ଭୁଲି ଯାଇଥିବା ସେ କହିଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ଚାକିରି ଓ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଏଥିପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ଲକ୍ଷ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ଲକ୍ଷ ଓ ସାଉଥ୍‌କୋ ବିଭାଗ ପକ୍ଷରୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ଆହତଙ୍କ ପରିବାରକୁ ୨୫ ଓ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଦୁର୍ଘଟଣା ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ଓ ମନ୍ତ୍ରୀମାନେ ଗ୍ରାମକୁ ଗସ୍ତ କରି ମୃତକ ଓ ଆହତଙ୍କ ପରିବାରଙ୍କୁ ବହୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଥିବା ଯୋଗୁଁ ଲୋକେ ଦୁଃଖ ପ୍ରକାଶ କରିଛନ୍ତି।

# ଟ୍ରେନ୍‌ରୁ ନିଖୋଜ ବୃଦ୍ଧ ପୁରୁଣାବନ୍ଧରୁ ଉଦ୍ଧାର



ଉଦ୍ଧାର ନିଖୋଜ ବୃଦ୍ଧ ।

ଗଞ୍ଜାମ,୧୩।୧୨(ଡି.ଏନ୍.ଏ.) ଗତ ନଭେମ୍ବର ୨୬ରେ ବିହାରରୁ ବାଙ୍ଗାଲୋର ଟ୍ରେନରେ ଯାଉଥିବା ଜନୈକ ବୃଦ୍ଧ ବାଲୁଗାଁ ଷ୍ଟେଶନଠାରୁ ନିଖୋଜ ହୋଇଯାଇଥିବା ବେଳେ ତାଙ୍କୁ ମଙ୍ଗଳବାର ଗଞ୍ଜାମ ବ୍ଲକର ପୁରୁଣାବନ୍ଧ ଗ୍ରାମରୁ ଉଦ୍ଧାର କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ବୃଦ୍ଧ ଜଣଙ୍କ ହେଲେ ବିହାର ରାଜ୍ୟ ଔରଙ୍ଗାବାଦ ଜିଲାର ବୁଧିବନ୍ତ ଗ୍ରାମର କାମେଶ୍ୱର ପାଲ (୬୫)। ସୂଚନାନୁଯାୟୀ, ବାଲୁଗାଁ ଷ୍ଟେଶନରେ ବୃଦ୍ଧଜଣଙ୍କ ଓହ୍ଲାଇଥିଲା ବେଳେ ଟ୍ରେନ ଛାଡ଼ିଦେଇଥିଲା। ଫଳରେ ସେ ଷ୍ଟେଶନରେ ରହିଯାଇଥିଲେ। ପରେ ସେ ଜାତୀୟ ରାଜପଥ ଦେଇ ଚାଲିଚାଲି ଗତ ଶୁକ୍ରବାର ପୁରୁଣାବନ୍ଧ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର ଯୁବ ସ୍ୱେଚ୍ଛାସେବୀ ପ୍ରସାଦ କୁମାର ବେହେରା, କେ. ଜଗଦୀଶ ରାଓ, ପି. ଦୀନବନ୍ଧୁ ରାଓ, ରମେଶ ବେହେରା ପ୍ରମୁଖ ତାଙ୍କୁ ପଚରାଉଚରା କରିବା ସହ ତାଙ୍କର ଖାଇବା ପିଇବା ବ୍ୟବସ୍ଥା କରିଥିଲେ। ପରେ ପୂର୍ବତନ ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ ଗଞ୍ଜାମ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କୁ ଅବଗତ କରାଇଥିଲେ। ଥାନା ଅଧିକାରୀ ବୃଦ୍ଧଙ୍କ ଠିକଣାରେ ତଦନ୍ତ କରି ସେଠାକାର ପୋଲିସ ସହଯୋଗରେ ବୃଦ୍ଧଙ୍କ ପରିବାର ବର୍ଗଙ୍କୁ ଜଣାଇଥିଲେ। ମଙ୍ଗଳବାର ଗଞ୍ଜାମ ଥାନାରେ ତାଙ୍କ ପରିବାରବର୍ଗ ପହଞ୍ଚିବା ପରେ ଉଦ୍ଧାର ବୃଦ୍ଧଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ମହିଳା ଏସ୍‌ଆଇ ସୁପ୍ରଭା ସାହୁ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜିଲାପାଳଙ୍କ ଅଭିଯୋଗ ଶୁଣାଣି।

ଆର.ଉଦୟଗିରି,୧୩।୧୨(ଡି.ଏନ.ଏ.) ଆର.ଉଦୟଗିରି ଥାନା ବେତାରସିଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଗ୍ରାମ୍ୟମୁଖି ପ୍ରଶାସନଙ୍କ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସମେତ ଜିଲା ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂ, ଆର.ଉଦୟଗିରି ଏସଡିପିଓ ଦିଲ୍ଲୀପି କୁମାର ନାୟକ, ବିଡିଓ ଲାବନ୍ୟେନ୍ଦୁ ମହାନ୍ତି, ବ୍ଲକ ଅଧକ୍ଷା ମାଳତି ପ୍ରଧାନ, ଉପାଧକ୍ଷ ନିହିମିୟା ରଇତଙ୍କ ସହ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ପୁଟୁପଡା, ଟାଙ୍ଗିଲି, ବେତାରସିଂ ଓ ଆତରସିଂ ପଞ୍ଚାୟତକୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ଏହି ୪ଟି ପଞ୍ଚାୟତରୁ ୭୬ଟି ଅଭିଯୋଗ ମଧ୍ୟରୁ ୬୩ ଗୋଷ୍ଠୀଗତ ଅଭିଯୋଗ ଥିବା ବେଳେ ବ୍ୟକ୍ତିଗତ ୧୩ଟି ଅଭିଯୋଗ ଥିଲା। ଆସିଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବିଭିନ୍ନ ଷ୍ଟଲ ଗୁଡିକୁ ବୁଲି ଦେଖିଥିଲେ।

# ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତି ଜୋର୍‌ଦାର

## ଆବଶ୍ୟକ ଶ୍ରେଣୀଗୃହ ନାହିଁ; ବହୁ ଅଧାପିକା, ଅଧାପକ ପଦବୀ ଖାଲି



ଗଞ୍ଜାମ ମହାବିଦ୍ୟାଳୟ

ଗଞ୍ଜାମ,୧୩।୧୨(ଡି.ଏନ୍.ଏ.) ଗଞ୍ଜାମ ସହର ଦାମୋଦରପୁରଠାରେ ଗଞ୍ଜାମ ମହାବିଦ୍ୟାଳୟ ଅବସ୍ଥିତ। ବର୍ତ୍ତମାନ ଏହି କଲେଜ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ପରିଲକ୍ଷିତ ହୋଇଛି। ଏହି ମହାବିଦ୍ୟାଳୟ ବହୁ ପୁରାତନ ହୋଇଥଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ନାକ ମାନ୍ୟତା ମିଳି ପାରିନାହିଁ। କଲେଜ ଅଧକ୍ଷ ଡକ୍ଟର ପ୍ରବୀଣ କୁମାର ନନ୍ଦ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଅମର ବିଶୋଇଙ୍କ ସମେତ ଅନ୍ୟାନ୍ୟ ଅଧାପିକା, ଅଧାପକ ନାକ ମାନ୍ୟତା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡିଛି। ନାକ ମାନ୍ୟତା ପାଇଁ ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା। କଲେଜର ୬ ଏକର ଜାଗା ମଧ୍ୟରୁ ଏକ ଏକର ଜାଗା ରେଲୱେର। ବଳକା ୫ ଏକରରୁ ୨ ଏକର ଜମି ଶ୍ମଶାନ ଜାଗା। ଉକ୍ତ ଦୁଇ ଏକର ଜମି କଲେଜ ନାମରେ ପଟ୍ଟା ପାଇଁ ଆରଡିସିକୁ ଲିଖିତ ଭାବେ ଅବଗତ କରାଯାଇଥିବା କଲେଜ ଅଧକ୍ଷ ନନ୍ଦ କହିଛନ୍ତି। ଖୁବଶୀଘ୍ର ପଟ୍ଟା ହେବା ପାଇଁ ଆରଡିସି ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି। ମାତ୍ର ୩ ଏକର ଜାଗା କଲେଜ ନାମରେ ରେଜିଷ୍ଟ୍ରେଶନ ଥିବା ବେଳେ କେଶ୍ ନଂ ୨୧୯୬/୨୦୧୬ କୋର୍ଟରେ ବିଚାରାଧୀନ ରହିଛି। ଏନେଇ ଆର୍‌ଡିସି ଅଫିସ ପକ୍ଷରୁ ଏଡିଶନାଲ କମିଶନ ସେଟଲମେଣ୍ଟକୁ ଅବଗତ କରାଯାଇଛି ବୋଲି କଲେଜ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଏହି କଲେଜରେ ଆବଶ୍ୟକ ଶ୍ରେଣୀଗୃହ ଅଭାବ ଥିବା ବେଳେ ବିଭିନ୍ନ ବିଭାଗରେ ଅଧାପିକା ଅଧାପକ ପଦବୀ ଖାଲି ରହିଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ୪ଟି ଶ୍ରେଣୀଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି ଏବଂ ଚଳିତ ବର୍ଷ ଉଚ୍ଚଶିକ୍ଷା ବିଭାଗର ୧୦ ଲକ୍ଷ ଟଙ୍କାରେ ବାଳିକା କମନ ରୁମ, ବାଳକ କମନ ରୁମ ଓ ଷ୍ଟାଫ କମନ ରୁମ ନିର୍ମାଣ କାର୍ଯ୍ୟ ଚାଲିଛି। ସେହିପରି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ହାତପାଣ୍ଠିରୁ ୧୪ ଲକ୍ଷ ଟଙ୍କାରେ ୧୨୦୦ ବର୍ଗଫୁଟରେ ସ୍ମାର୍ଟ କ୍ଲାସ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଆସନ୍ତା ୫ ରୁ ୬ ମାସ ମଧ୍ୟରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନାକ୍ ମାନ୍ୟତା ପାଇଁ କଲେଜ କର୍ତ୍ତୃପକ୍ଷ ଆଶାବାଦୀ ଥିବା ସୂଚନା ମିଳିଛି।

# ଗଜପତି ଜିଲାବାସୀଙ୍କୁ ଉପେକ୍ଷା ଅଭିଯୋଗ

ପାରଳାଖେମୁଣ୍ଡି,୧୩।୧୨(ଡି.ଏନ୍.ଏ.) ଗଜପତି ଜିଲା ଶିଶୁ କଲ୍ୟାଣ ସମିତିରେ ସଭ୍ୟସଭ୍ୟା ପଦବୀ ସହ ଅଧକ୍ଷ ପଦ ପାଇଁ ଆଶାୟୀ ଥିବା ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ମଙ୍ଗଳବାର ଜିଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇ ଗଜପତି ଜିଲାବାସୀଙ୍କୁ କାହିଁକି ଉପେକ୍ଷା କରାଯାଉଛି ବୋଲି ପ୍ରଶ୍ନ କରିବା ସହ ଲିଖିତ ଅଭିଯୋଗ କରିଛନ୍ତି। ଗତ ୮ ତାରିଖ ଦିନ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁକଲ୍ୟାଣ ବିଭାଗ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁଥିରେ ଗଜପତି ଜିଲା ବ୍ୟତୀତ ଅନ୍ୟ ସମସ୍ତ ଜିଲାରେ ସେହି ଜିଲାବାସୀଙ୍କୁ ହିଁ ସମ୍ପୃକ୍ତ ଜିଲାର ଶିଶୁ କଲ୍ୟାଣ ସମିତିରେ କାର୍ଯ୍ୟ କରିବା ପାଇଁ ମନୋନୀତ କରାଯାଇଅଛି ।

ପ୍ରକାଶ ଥାଉକି ଗତ ୨୫।୮।୨୦୨୨ତାରିଖ ଦିନ ଗଜପତି ଜିଲାର ଆବେଦନକାରୀଙ୍କ ସାର୍ଟିଫିକେଟ ଯାଞ୍ଚ କରାଗଲା। ପୁଣି ଗତ ୧୧।୧୦।୨୦୨୨ ଦିନ ଭୁବନେଶ୍ୱରସ୍ଥ ମିଶନ ଶକ୍ତି ଭବନକୁ ଗଜପତି ଜିଲାର ଆବେଦନକାରୀଙ୍କୁ ଡକାଯାଇଥିଲା। ଉକ୍ତ ଦୁଇ ଦିନ ଯେଉଁମାନେ ଗଜପତି ଜିଲାର ଶିଶୁ କଲ୍ୟାଣ ସମିତିରେ ନୂତନ ଭାବେ ମନୋନୀତ ହୋଇଛନ୍ତି ସେମାନେ ଉପସ୍ଥିତ ନ ଥିଲେ। ତେଣୁ ପ୍ରଶ୍ନଉଠୁଛି ସାର୍ଟିଫିକେଟ ଯାଞ୍ଚହୋଇ ପୁଣି ସାକ୍ଷାତକାରରେ ଯୋଗଦେଇଥିବା ଗଜପତି ଜିଲାର ପ୍ରାର୍ଥୀମାନଙ୍କୁ ନିଯୁକ୍ତି ନ ଦେବା ଏକ ଆଶ୍ଚର୍ଯ୍ୟର ବିଷୟ। ତେଣୁ କୌଣସି ନା କୌଣସି କ୍ଷେତ୍ରରେ ଗଜପତି ଜିଲା ଆବେଦନକାରୀଙ୍କ ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଜିଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନକାରୀ ଓ ବୁଦ୍ଧିଜୀବୀମାନେ ଲିଖିତ ଭାବେ ଜଣାଇଛନ୍ତି। ଏମାନେ ହେଲେ ଭାଗ୍ୟଲକ୍ଷ୍ମୀ ନାୟକ, ବିନୋଦ ଚନ୍ଦ୍ର ଜେନା, ନାଗେଶ୍ୱର ଚୌଧୁରୀ, ଭାଗବତ ପାଢୀ, ଆଶାଲତା ପାଣିଗ୍ରାହୀ, ଗୌରୀ ଦେବୀ, ହରିଶ୍ଚନ୍ଦ୍ର ନାୟକ, ଲିଙ୍ଗରାଜ ପାଣିଗ୍ରାହୀ, ଜଗଦୀଶ ଚନ୍ଦ୍ର ମହାପାତ୍ର, ସୁରେଶ ଦାସ ପ୍ରମୁଖ । ଏହି ନୂତନ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବାତିଲ କରାଇବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବାର୍ଷିକ ନିର୍ବାଚନୀ ସଭା

ପାରଳାଖେମୁଣ୍ଡି, ୧୩।୧୨ : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ପାରଳାଖେମୁଣ୍ଡି ଶାଖାର ବାର୍ଷିକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି, ରାୟଗଡ଼ା ସର୍କଲ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଗୁଣୁପୁର ଡିଭିଜନର ସମ୍ପାଦକ ଅଜିତ ପଣ୍ଡା, କେନ୍ଦ୍ରୀୟ କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ପାଢ଼ୀ, ରଜତ କୁମାର ପ୍ରଧାନ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ସଭାରେ ୨୦୨୩ ପାଇଁ ଉପଦେଷ୍ଟା ଭାବେ ଗୋପୀନାଥ ବିଶ୍ୱାଳ, ପାରଳାଖେମୁଣ୍ଡି ଶାଖାର ଡିଭିଜନ ସମ୍ପାଦକ ଭାବେ ସୁକାନ୍ତ କୁମାର ପଣ୍ଡା, ସହ ସମ୍ପାଦକ ଭାବେ ଧନପତି ପ୍ରଧାନ, କେନ୍ଦ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶ୍ୱିନୀ କୁମାର ସ୍ୱାଇଁ, କୋଷାଧକ୍ଷ ଭାବେ ଶିଶିର କୁମାର ସାହୁ ନିର୍ବାଚିତ ହୋଇଥିଲେ। ଏହି ସଭାରେ ସଂସ୍ଥାରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ତା' ସହ ସଂଘର ଆଗାମୀ ପଦକ୍ଷେପ ବିଷୟରେ ସଭାପତି ସମସ୍ତ ସଭ୍ୟଙ୍କୁ ଅବଗତ କରାଇଥିଲେ।

# ଜି.ଉଦୟଗିରି ଏନ୍‌ଏସିର ୭ମ ପରିଷଦ ବୈଠକ



ଏନଏସି କାଉନସିଲ ବୈଠକରେ ଆଲୋଚନା ଚାଲିଛି।

ଜି.ଉଦୟଗିରି,୧୩।୧୨(ଡି.ଏନ.ଏ.) ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହଠାରେ ମଙ୍ଗଳବାର ପରିଷଦର ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କ ଅଧକ୍ଷତାରେ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ପ୍ରତିନିଧି ଅନିଲ କୁମାର ଦଳବେହେରା, ଉପାଧକ୍ଷ ସନ୍ତୋଷ କୁମାର ବାଘ ଏବଂ ୱାର୍ଡ଼ କାଉନସିଲର ସଞ୍ଜୀବ କୁମାର ପାତ୍ର, ସଙ୍ଗୀତା ନାୟକ, ନିସାରାଣି ନାୟକ, ମୋନାଲିସା ଦଳବେହେରା, ଭାରତୀ ବେହେରା, ଯାକେଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଛା, କୁନ୍ତିମା ମଲ୍ଲିକ, ଲିପିକା ପ୍ରଧାନ, ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକ ଉପସ୍ଥିତ ରହି ବିଭିନ୍ନ ଗଠନ ମୂଳକ ପରାମର୍ଶ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ସରକାରଙ୍କ ବିଭିନ୍ନ ପ୍ରୋଗ୍ରାମର ଅଗ୍ରଗତି ସମ୍ପର୍କରେ କହିଥିଲେ। କୋଡିନେଟର ପ୍ରଭାତ ରଞ୍ଜନ ସାହୁ, ଏମ୍‌ଆଇଏସ୍ ମୁକେଶ ରଞ୍ଜନ ନାୟକ, ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା, ସିଓ କେ. ଜୀବନ ଜ୍ୟୋତି ପାତ୍ର ଓ ପରିଷଦ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ପଙ୍କଜ ବେହେରା ଟାକ୍ସ କଲେକ୍ଟର ଗଣେଶ ଜେନା, ପ୍ରଦୀପ ଶତପଥି ଉପସ୍ଥିତ ଥିଲେ। ଅଧକ୍ଷା, ଉପାଧକ୍ଷ ଏବଂ ସମସ୍ତ କାଉନସିଲର ନିଜ ନିଜ ୱାର୍ଡର ଡ୍ରେନ ଗୁଡ଼ିକର କଭର ପ୍ଲେଟ ପକାଇବା ପାଇଁ ଦାବି ଉପସ୍ଥାପନ କରିଥିଲେ ଏବଂ ସେଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ ସ୍ଥିର କରାଗଲା। ଉନ୍ନତିମୂଳକ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ବାହୀ ଅଧିକାରୀଙ୍କୁ କ୍ଷମତା ଦିଆଗଲା।

# କାର୍‌ରୁ ୧୫ ହଜାର ଲୁଟ୍ ଅଭିଯୋଗ

ଖଲ୍ଲିକୋଟ,୧୩।୧୨(ଡି.ଏନ.ଏ.) ଖଲ୍ଲିକୋଟ ଥାନା ଅଧିନ ଭେଜିପୁଟ ପୋଲିସ ଫାଣ୍ଡି ନିକଟରୁ ଦୁର୍ବୃତ୍ତମାନେ ଏକ କାର ଭିତରୁ ମୋବାଇଲ ଫୋନ ସହ ୧୫ ହଜାର ଟଙ୍କା ଲୁଟି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସକାଳେ ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳର ଜି. ପ୍ରଦିପ କୁମାର ପୃଷ୍ଟି କାର (ନଂ ଓଡି ୩୩ ଡି ୦୧୫୬) ଯୋଗେ ପରିବାର ଲୋକଙ୍କୁ ନେଇ ମେଡ଼ିକାଲ କାମରେ କଟକ ଅଭିମୁଖେ ଯାଉଥିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥର ଭେଜିପୁଟ ପୋଲିସ ଫାଣ୍ଡି ନିକଟରେ ଥିବା ଏକ ଚା ଦୋକାନରେ କାର ରଖି ପରିବାର ଲୋକଙ୍କ ସହ ଚା ପିଉଥିବା ସମୟରେ କେହି ଦୁର୍ବୃତ୍ତ କାର ଭିତରୁ ମୋବାଇଲ ଫୋନ ସହ ବ୍ୟାଗରେ ଥିବା ୧୫ ହଜାର ଟଙ୍କା, ଏଟିଏମ କାର୍ଡ, ଆଧାର କାର୍ଡ ଓ ପାନ କାର୍ଡ ଆଦି ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପ୍ରଦିପ ଭେଜିପୁଟ ପୋଲିସ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

# ସ୍ମାର୍ଟସ୍କୁଲ କାର୍ଯ୍ୟ ସମୀକ୍ଷା କଲେ ବିଡିଓ

## ୮ ମାସ ପରେ ୨୬ ସାଟେଲାଇଟ୍ ସ୍କୁଲରେ ମଧାହ୍ନଭୋଜନ ଆରମ୍ଭ



ବିଡିଓ ଶଶିଭୂଷଣ ମହାପାତ୍ର ଲାଲସିଂ ସ୍କୁଲ ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର, ୧୩।୧୨( ଡି.ଏନ.ଏ) ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ଖାଲିଥିବା ପଦବୀ ପୂରଣ କରାଯାଉଛି। ଏହିଭଳି ରାଜ୍ୟର ସମସ୍ତ ହାଇସ୍କୁଲକୁ ସ୍ମାର୍ଟସ୍କୁଲରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଭଞ୍ଜନଗର ବ୍ଲକର ୧୪ଟି ହାଇସ୍କୁଲ ସ୍ମାର୍ଟସ୍କୁଲରେ ପରିଣତ ହୋଇଥିବା ବେଳେ ଆହୁରି ୬ଟି ହାଇସ୍କୁଲକୁ ସ୍ମାର୍ଟସ୍କୁଲରେ ପରିଣତ କରିବା କାର୍ଯ୍ୟ ଜାରିରହିଛି। ବଳକା ୭ଟି ହାଇସ୍କୁଲକୁ ଆଗାମୀ ଦିନରେ ସ୍ମାର୍ଟସ୍କୁଲରେ ପରିଣତ କରାଯିବ। ସ୍ମାର୍ଟସ୍କୁଲଗୁଡ଼ିକର କାମ ଉନ୍ନତମାନର କିଭଳି ହୋଇପାରିବ ସେଥିପାଇଁ ବିଡିଓ ଶଶିଭୂଷଣ ମହାପାତ୍ର ବିଭିନ୍ନ ବିଦ୍ୟାଳୟ ବୁଲି କାର୍ଯ୍ୟ ତଦାରଖ କରୁଛନ୍ତି। ମଙ୍ଗଳବାର ବିଡିଓ ମହାପାତ୍ର ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ ଲାଲ୍‌ସି ସମେତ ବିଭିନ୍ନ ସ୍କୁଲ ପରିଦର୍ଶନ କରି ସ୍ମାର୍ଟ ସ୍କୁଲ କାର୍ଯ୍ୟ ତଦାରଖ କରିଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ଖାଲିଥିବା ପଦବୀ ପୂରଣ କରାଯାଉଥିବା ବେଳେ ବିଗତ ୮ ମାସ ହେବ ଭଞ୍ଜନଗର ବ୍ଲକର ୨୬ଟି ସାଟେଲାଇଟ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମଧାହ୍ନ ଭୋଜନ ମିଳୁନଥିଲା, ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ 'ଧରିତ୍ରୀ'ରେ ଗତ ଅକ୍ଟୋବର ମାସରେ ପ୍ରକାଶିତ ହେବାପରେ ଚଳିତ ମାସରୁ ମଧାହ୍ନଭୋଜନ ଦେବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏବିଇଓ ସୂର୍ଯ୍ୟ ନାୟକଙ୍କ ସହ ଏନେଇ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଡିସେମ୍ବର ପହିଲାରୁ ସାଟେଲାଇଟ ସ୍କୁଲଗୁଡ଼ିକରେ ମଧାହ୍ନ ଭୋଜନ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ଅପ୍ରେଲରୁ ନଭେମ୍ବର ମଧ୍ୟରେ ବଣ୍ଟନ ହୋଇ ନ ଥିବା ମଧାହ୍ନ ଭୋଜନ ଅର୍ଥ ସମ୍ପର୍କରେ କୌଣସି ନିର୍ଦ୍ଦେଶନାମା ଆସିନାହିଁ।

## ସଂକ୍ଷେପରେ

### ଟ୍ରେଲରକୁ ପଛରୁ ଧକ୍କାଦେଲା ଆଇଚର, ଚାଳକ ଗୁରୁତର

ଧର୍ମଶାଳା,୧୩।୧୨(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଟ୍ରେଲରକୁ ଆଇଚର ପଛରୁ ଧକ୍କା ଦେଇଛି। ଏଥିରେ ଆଇଚର ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କଲିକତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଡବ୍ଲ୍ୟୁ-୩୩-ଇ-୯୫୯୩ନଂ. ଆଇଚର ଓଆର୍-୦୨-ବିଏଚ-୩୬୫୧ନଂ. ଟ୍ରେଲରକୁ ଧକ୍କା ଦେଇଥିଲା। ଧର୍ମଶାଳା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

### ସିଲେଇ କେନ୍ଦ୍ରକୁ ଯାଇ ନାବାଳିକା ନିଖୋଜ

ରସୁଲପୁର,୧୩।୧୨(ଡି.ଏନ.ଏ.): କୁଆଖିଆ ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ଅପରାହ୍ନ ୪ଟାରେ ସମ୍ପୃକ୍ତ ୧୬ ବର୍ଷୀୟା ନାବାଳିକା ଏକ ସିଲାଇ କେନ୍ଦ୍ରକୁ ଯିବାକୁ କହି ଘରୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଠାବ କରିବାରେ ବିଫଳ ହେବାପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ନାବାଳିକା ଘରୁ ଗଲାବେଳେ ତାଙ୍କ ବାପାଙ୍କ ମୋବାଇଲ ନେଇ ପଳାଇଛନ୍ତି। ପୋଲିସ ସେ ନେଇଥିବା ମୋବାଇଲର କଲ ଡିଟେଲ୍ସ ରେକର୍ଡ ମଗାଇ ଯାଞ୍ଚ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା ନଂ.୪୦୪/୨୨ ରୁଜୁ ହୋଇଛି। ଏସଆଇ ଦୁଷ୍ମନ୍ତ ଦାସ ମାମଲାର ତଦନ୍ତ କରୁଛନ୍ତି।

### ବସ୍ ଧକ୍କାରେ ଟ୍ରଲି ଚାଳକ ଗୁରୁତର



ରସୁଲପୁର,୧୩।୧୨(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଖରସ୍ରୋତା ନଦୀ ପୋଲ ଖଣ୍ଡିତର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବସ୍ ଧକ୍କାରେ ଜଣେ ଟ୍ରଲି ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ମଲପଡ଼ା ଗ୍ରାମର ବିଜୟ ଜେନା(୫୪)। କୁଆଖିଆ ପୋଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପରେ ଦୁର୍ଘଟଣା ଘଟାଇଥିବା ବସ ଓ ଦୁର୍ଘଟଣାଗ୍ରସ୍ତ ଟ୍ରଲିକୁ ଜବତ କରିଛି। ବସ୍‌ଟି କେନ୍ଦୁଝର ଅଭିମୁଖେ ଯାଉଥିଲା ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ଏସ୍ଆଇ ଦୁଷ୍ମନ୍ତ ଦାସ ଘଟଣାର ତଦନ୍ତ କରୁଛନ୍ତି।

# କୃଷକ ସଶକ୍ତୀକରଣ ଯୋଜନା ଲକ୍ଷ୍ୟଚ୍ୟୁତ

**ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପ**

- ଠିକାସଂସ୍ଥାଙ୍କ ସ୍ୱାର୍ଥରେ ଜଳ ସମ୍ପଦ ବିଭାଗ
- ୧୧୨୫୯୨୬.୩୯ ହେକ୍ଟର ଜମିରେ ରବିଚାଷ ପ୍ରସ୍ତାବ

ଯାଜପୁର ଅଫିସ,୧୩।୧୨



ପାଣି ଅଭାବରୁ କ୍ଷତିଗ୍ରସ୍ତ ହୋଇଥିବା ଜଣେ ପରିବା ଚାଷୀ ।



ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପ ।

ରାଜ୍ୟରେ ୧୧୨୫୯୨୬.୩୯ ହେକ୍ଟର ଜମିରେ ୨୦୨୨-୨୩ ରବିଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ଉକ୍ତ ଯୋଜନାରେ ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଜରିଆରେ ରାଜ୍ୟରେ ୪୦୨୨୮.୯୧ ହେକ୍ଟର ଜମିରେ ରବିଚାଷ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜଳ ସମ୍ପଦ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ କରି ଜିଲା ଓ ବ୍ଲକସ୍ତରରେ ସତ୍ୟପ୍ରମାଣ (ଭେରିଫିକେଶନ) ରିପୋର୍ଟ ଦାଖଲ କରାଯିବ। ଏହି ମର୍ମରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ୧୨।୧୨।୨୦୨୨ରେ ସମସ୍ତ ଜିଲାପାଳଙ୍କୁ ଜଳସେଚନ ସଂକ୍ରାନ୍ତରେ ବ୍ଲକ ଏବଂ ଜିଲାସ୍ତରରେ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବାସ୍ତବରେ କେତେକ ଜିଲାରେ ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ପ୍ରାୟ ୧୦ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଧାର୍ଯ୍ୟ ଜମିରେ ପାଣି ମାଡିବା ଚାଷୀଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଭଳି ସ୍ଥିତିରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରବିଋତୁ ଚାଷର ସଫଳତା ନେଇ ସଂଶୟ ପ୍ରକାଶ ପାଇଛି। ଏହି ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ରହିଥିବା କେତେକ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଉଦାସୀନ ଏବଂ ଦୁର୍ନୀତିଖୋର ମନୋଭାବ କୃଷକଙ୍କ ସଶକ୍ତୀକରଣରେ ପ୍ରତିବନ୍ଧକ ସାଜିଛି ବୋଲି ମତପ୍ରକାଶ ପାଇଛି।

ରାଜ୍ୟରେ ୨୦୧୧-୧୨ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ପାର୍ବତୀ ଗିରି ମେଗା ଉଠାଜଳସେଚନ ଯୋଜନାରେ ୬ଟି ପର୍ଯ୍ୟାୟରେ ୨୦୮ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ଏଥିରେ ୨,୬୪,୩୩୦ ହେକ୍ଟର ଜଳସେଚନ ପରିକଳ୍ପନା କରାଯାଇ ୬୪୯୫.୬୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ହେଲେ ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୧୯୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ସେଥିରେ ୨,୪୧,୨୫୬ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇ ପାରିଛି। ଅବଶିଷ୍ଟ ୧୫ଟି ପ୍ରକଳ୍ପ ୨୦୨୩ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଛି। କିନ୍ତୁ ବାସ୍ତବତା ଏହି ରିପୋର୍ଟଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ମତପ୍ରକାଶ ପାଇଛି। ଏଠାରେ କେବଳ ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଜିଲାରେ ନିର୍ମାଣାଧୀନ ୧୨ଟି ଉଠାଜଳସେଚନ ପ୍ରକଳ୍ପର ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାବେଳେ ଏଯାଏ ଗୋଟିଏ ବି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏଥିରେ ରାଜ୍ୟରେ ଉପରୋକ୍ତ ତଥ୍ୟର ବାସ୍ତବତା ଉପରେ ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରବିଋତୁରେ ଏହି ଜିଲାରେ ମେଗା ଉଠାଜଳସେଚନ ପ୍ରକଳ୍ପ ଜରିଆରେ ୨୪୫୬ ହେକ୍ଟର ଜମିରେ ଚାଷ କରିବାକୁ ବିଭାଗୀୟ ପ୍ରସ୍ତାବ ରହିଛି। ଏହାସହ ବୃହତ୍ ଜଳସେଚନ ପ୍ରକଳ୍ପରେ ୫୦୮୫ ହେକ୍ଟର, କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୬୭୬ ହେକ୍ଟର, କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପରେ ୨୩୨୨୧ ହେକ୍ଟର ଭାବେ ସମୁଦାୟ ୩୩୪୩୮ ହେକ୍ଟର ଜମିରେ ରବିଚାଷ କରାଯିବ। କେବଳ ମେଗା ଉଠାଜଳସେଚନ ପ୍ରକଳ୍ପରେ ୧୨,୮୦୦ ହେକ୍ଟର ଜମିରେ ସେଚ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ଅଥଚ ଉପରୋକ୍ତ ସମସ୍ତ ପ୍ରକଳ୍ପରେ ଏଯାଏ ପାଇପ୍ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ହେଲେ ସଂପୃକ୍ତ ଠିକାସଂସ୍ଥା ଏବଂ ବିଭାଗୀୟ ଯନ୍ତ୍ରୀ ସରକାରଙ୍କ ରୋଷର ଶିକାରରୁ ବର୍ତ୍ତିବା ପାଇଁ ସମସ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଏଥିଯୋଗୁ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ବିପୁଳ ପରିମାଣର ଟଙ୍କା କୃଷକମାନଙ୍କ କାମରେ ନ ଲାଗି ସଂପୃକ୍ତ ଠିକାସଂସ୍ଥା ସ୍ୱାର୍ଥରେ ଲାଗିଛି ବୋଲି ଅଭିଯୋଗ ହେଉଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକର ମଙ୍ଗଳପୁର, ଉତ୍ତରପ୍ରତାପ, ନରସିଂହପୁର ଓ ନୀଳକଣ୍ଠପୁର, ଦେଉଦା, ସେରପୁର, ବାସୁଦେଇପୁର, ମିର୍ଜାପୁର, ମଙ୍ଗଳପୁର, କୋଠଡିହ, କୋତପୁର, ଅରାବଳ ଓ ବଡ଼ନହନଙ୍ଗରା, ରସୁଲପୁର ବ୍ଲକର ସିଙ୍ଗାପୁର, ବନ୍ଧଡିହ, ମଠସାହି, ସାହାପଡ଼ା, ଜୟସିଂହଡ଼ା, ଗୋଳକୁଣ୍ଡ, ମେଣ୍ଢର, କଟଣା ଓ ସଇସଣ୍ଡା ହରିପୁର, ବଡ଼ଚଣା ବ୍ଲକର ବଡ଼ବାଲିକୁଦା ଆଦି ପଞ୍ଚାୟତର ଚାଷୀମାନେ ମେଗା ଉଠାଜଳସେଚନ ପ୍ରକଳ୍ପ ପାଣିକୁ ଚାହିଁ ରହିଛନ୍ତି। ଏଭଳି ସ୍ଥିତିରେ ଯୁଗ୍ମ ରିପୋର୍ଟରେ ସରକାରଙ୍କୁ କ'ଣ ଜଣାଇବେ ତାହା ଚାଷୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ନିୟୋଜିତ ଏଲ ଆଣ୍ଡ ଟି ଠିକାସଂସ୍ଥାର କନ୍‌ଷ୍ଟ୍ରକ୍ସନ ମ୍ୟାନେଜର ଶିବପ୍ରସାଦ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ଜମି ବିବାଦ କାରଣରୁ ପାଇପ୍‌ବିଛା କାମ ଅଗ୍ରଗତି ହୋଇ ପାରୁନାହିଁ।

### ଦ୍ରୁତ ଗାଡ଼ି ଚାଳନା, ହାଇୱା ଅଟକ

ରସୁଲପୁର,୧୩।୧୨(ଡ.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ଦ୍ରୁତ ଗିତରେ ଯାଉଥିବା ଏକ ହାଇୱା ହଠାତ୍ ଲୋକଙ୍କ ଆଡ଼କୁ ମାଡ଼ି ଆସିବାରୁ ଲୋକେ ଭୟଭୀତ ହୋଇଛନ୍ତି। ପୋଲିସ ଗାଡ଼ିକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୋମବାର ରାତି ପ୍ରାୟ ୧୧ଟାରେ ଏହି ଘଟଣା ଘଟିଛି। କୁଆଖିଆ ପାଟ୍ରୋଲିଂ ପୋଲିସ ପକ୍ଷରୁ ରାଜପଥ ଉପରେ ଓଲଟି ପଡ଼ିଥିବା ଏକ ଆଳୁ ବୋଝେଇ ଟ୍ରକକୁ ରାସ୍ତାରୁ ହଟାଇବାକୁ ପ୍ରୟାସ କରାଯାଉଥିଲା। ତେଣୁ ପୋଲିସ ପକ୍ଷରୁ ରାଜପଥର ଏକ ପାର୍ଶ୍ୱରେ ସତର୍କତାମୂଳକ ସୂଚନା ବୋର୍ଡ ଲଗାଯାଇ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ମାତ୍ର ଏହି ସମୟରେ ପାଣିକୋଇଲିରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ହାଇୱା ନଂ.ଓଡି-୧୧-ଏ-୪୪୪୪ ଦ୍ରୁତ ଗତିରେ ଉଦ୍ଧାର କାର୍ଯ୍ୟ ସ୍ଥଳକୁ ମାଡ଼ି ଆସିଥିଲା। ଏହା ଦେଖି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଲୋକେ ଜୀବନ ବଞ୍ଚାଇବାକୁ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ପରେ ଗାଡ଼ିଟି ପଳାଉଥିବାବେଳେ ପୋଲିସ ପାଟ୍ରୋଲିଂ ଭ୍ୟାନ ପିଛା କରି ତାହାକୁ କାବୁ କରିଥିଲା। ପୋଲିସ ହାଇୱା ଚାଳକଙ୍କୁ ନୋଟିସ ଦେଇ ଛାଡି ଦେଇଥିବା ବେଳେ କେନ୍ଦୁଝର ଅଞ୍ଚଳର ଗାଡ଼ି ମାଲିକଙ୍କୁ ଥାନାକୁ ଡାକି ଗାଡ଼ି କାଗଜାଦ୍ ଯାଞ୍ଚ କରିଛି। ଏନେଇ ଥାନାରେ ମାମଲା ନଂ.୪୦୫/୨୨ ରୁଜୁ ହୋଇଛି। ଏଏସ୍ଆଇ କଳାକହ୍ନୁ ଟିୟୁ ମାମଲାର ତଦନ୍ତ କରୁଛନ୍ତି।

# ଶିଳ୍ପାଞ୍ଚଳରେ ବେକାର ଯୁବକଙ୍କୁ ନିଯୁକ୍ତି ଦାବି

**ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିୱାଇଓର ବିକ୍ଷୋଭ**

ଯାଜପୁର ଟାଉନ, ୧୩।୧୨(ଡି.ଏନ.ଏ.):




ଜିଲାପାଳଙ୍କ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା ।

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେଶନ (ଏଆଇଡିୱାଇଓ) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ମଙ୍ଗଳବାର ଯାଜପୁର ଜିଲା କମିଟି ଉଦ୍ୟୋଗରେ ଏକ ଯୁବ ବିକ୍ଷୋଭ ଯାଜପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଯୁବକର୍ମୀ ମାନସା ପୋଲ ନିକଟରେ ସମବେତ ହୋଇ ଜିଲା ସଭାପତି ସୁବାସ ମଲ୍ଲିକ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ବ୍ୟାନର, ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେକାର ଯୁବକଙ୍କୁ ନିଯୁକ୍ତି, ଖାଲି ପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀରେ ସିଟି, ବି.ଏଡ୍., ଏମ୍.ଇଡି ପିଲାଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି, କବାଟବନ୍ଧ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ପୋଲ ନିର୍ମାଣ ସହିତ ନଦୀ ପାର ହେବାର ବିକଳ୍ପ ବ୍ୟବସ୍ଥା, ଯାଜପୁର ବଡ଼ ଡାକ୍ତରଖାନାରେ ନିୟମିତ ଅଲ୍‌ଟ୍ରାସାଉଣ୍ଡ ଓ ଥାଇରଏଡ୍ ପରୀକ୍ଷା କରାଇବା, ବିଜୁଳିର ଘରୋଇ କରଣ, ବିଜୁଳି ଶୁଳ୍କ ବୃଦ୍ଧି ବନ୍ଦ କରିବା ଓ ତ୍ରୁଟିପୂର୍ଣ୍ଣ ମିଟର ରିଡିଂ, ମଦର ପ୍ରସାର ବନ୍ଦ କରିବା ଆଦି ଦାବିଗୁଡିକୁ ଅବିଳମ୍ବେ ପୂରଣ କରିବାର ସ୍ଲୋଗାନ ଦେଇ ଶୋଭାଯାତ୍ରା ଜିଲାପାଳଙ୍କ ଅଫିସ ଅଭିମୁଖେ ଆଗେଇଥିଲା। ବିକ୍ଷୋଭକାରୀ ମେଡିକାଲ ଛକ, ଗରିଆପୁର, ବସ୍‌ଷ୍ଟାଣ୍ଡ, ଗାନ୍ଧୀଛକ ଆଦି ଜନଗହଳି ସ୍ଥାନରେ ପଥପ୍ରାନ୍ତ ସଭା କରିଥିଲେ। ଯୁବନେତା କିଶୋର ମଲ୍ଲିକ, ସରୋଜ ମହାପାତ୍ର, ପ୍ରଶାନ୍ତ ମଲ୍ଲିକ, ସନ୍ତୋଷ ଲେଙ୍କା, କୁଳମଣି ପରିଡ଼ା, ମଧୁସୂଦନ ଜେନା, ଗଗନ ବିହାରି ମଲ୍ଲିକ, ମନୋଜ ରାଉତ ଓ ତୁଷାର ମଲ୍ଲିକ ବିକ୍ଷୋଭକୁ ସଂଗଠିତ କରିଥିଲେ। ରାଜ୍ୟ ଉପସଭାପତି ଅକ୍ଷୟ କୁମାର ପଣ୍ଡା, ବିକ୍ଷୋଭ ସଭାରେ ବକ୍ତବ୍ୟ ରଖି ଦାବି ପୂରଣ ନ ହେବା ଯାଏ ଦୁର୍ବାର ଯୁବ ଆନ୍ଦୋଳନ ସଂଗଠିତ କରିବାର ଆହ୍ୱାନ ଦେଇଥିଲେ। ଶେଷରେ ବିକ୍ଷୋଭକାରୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### କୁଆଖିଆ ମହୋତ୍ସବ ପ୍ରସ୍ତୁତି ବୈଠକ

ରସୁଲପୁର,୧୩।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୁଆଖିଆ ମହୋତ୍ସବ ଆୟୋଜନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସ୍ଥାୟୀ ସଭାପତି ତଥା ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଓ ମହୋତ୍ସବକୁ ଶୃଙ୍ଖଳିତ ଆୟୋଜନ କରିବା ଉପରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଉପସ୍ଥିତ କମିଟିର ନିମନ୍ତ୍ରିତ ସଦସ୍ୟମାନେ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା, ମୀନାବଜାର ଓ ଯାତ୍ରା ପରିବେଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନାରେ ସ୍ଥାନ ଦିଆଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଆଖିଆଗରେ ରଖି ଟ୍ରାଫିକ୍ ସମସ୍ୟାକୁ ସନ୍ତୁଳିତ କରିବା, ମହୋତ୍ସବ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା, କୃତୀ ପ୍ରତିଯୋଗୀ, ଅତିଥି କଳାକାରଙ୍କୁ ସମ୍ମାନିତ କରିବା, ମଞ୍ଚ ପରିଚାଳନା, କୃତୀ କଳାକାର ଚୟନ ପାଇଁ ବିଚାରକ ମଣ୍ଡଳି ଗଠନ ଏବଂ ଓଡ଼ିଶାର ବିଭିନ୍ନ ଜିଲାର ଲୋକକଳାକୁ ମହୋତ୍ସବ ମଞ୍ଚ ଜରିଆରେ ପ୍ରଚାର ପ୍ରସାର କରିବା ଉପରେ ମତ ପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୁଆଖିଆ ଥାନା ଅଧିକାରୀ ଶିବ ଚରଣ ବେହେରା, ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ତଥା ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟିରେ ବଜାର ଅଧୀନ ସମସ୍ତ ବ୍ୟବସାୟୀଙ୍କୁ ଜଣେ ଲେଖାଏ ସଦସ୍ୟ ଭାବେ ଗ୍ରହଣ କରାଯିବାକୁ ପ୍ରସ୍ତାବ ରଖାଯାଇଥିଲା।




ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଭତ୍ତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ ଜିଲାପାଳଙ୍କ ଦ୍ୱାରସ୍ଥ

ଯାଜପୁର ଟାଉନ,୧୩।୧୨(ଡି.ଏନ.ଏ.): ବରୀ ବ୍ଲକ ଅନ୍ତର୍ଗତ ମହାକାଳପଡ଼ାର ୧୨ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଯାଜପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଯେପରି ଜଣେ କେହି ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେବେ ନାହିଁ ସେ ନେଇ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବିଭିନ୍ନ ବ୍ଲକର ବିଡିଓ ଏବଂ କ୍ଷେତ୍ର କର୍ମଚାରୀଙ୍କୁ ବାରମ୍ବାର ତାଗିଦ କରୁଛନ୍ତି। ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଜିଲାର ବିଭିନ୍ନ ସଭା, ସମିତି ଏବଂ କର୍ମୀ ବୈଠକରେ ସରକାରୀ କର୍ମଚାରୀ, ଜନପ୍ରତିନିଧି, ଦଳୀୟ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ପ୍ରକୃତ ହିତାଧିକାରୀ ଏବଂ ଅଭାବୀ ମଣିଷକୁ ଏଡ଼ାଇ ନ ଯିବା ପାଇଁ ବହୁବାର କହି ଚାଲିଛନ୍ତି। କିନ୍ତୁ ପଞ୍ଚାୟତ ଏବଂ ବ୍ଲକସ୍ତରରେ ରହିଥିବା କେତେଜଣ ରାଜନେତା, ଲାଞ୍ଚଖୋର କର୍ମଚାରୀ ବାସ୍ତବ ହିତାଧିକାରୀଙ୍କୁ ଯୋଜନାରୁ ବଞ୍ଚିତ କରୁଥିବା ଅଭିଯୋଗ ହୋଇଛି। ଆମେ ଲାଞ୍ଚ ଦେଇପାରୁନାହୁଁ କି ନେତାଙ୍କୁ ଧରାଧରି କରିବା ଶିଖିନାହୁଁ ବୋଲି ଏ ପରିଣତ ବୟସରେ ମଧ ବ୍ଲକ ପ୍ରଶାସନ ଭତ୍ତା ଦେଉନାହିଁ ବୋଲି ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବୃଦ୍ଧା ଭାରତୀ ଜେନା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ବରୀ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇ କିଛି ଲାଭ ନ ମିଳିବାରୁ ଏହି ହାଡ଼ଭଙ୍ଗା ଶୀତରେ ଖର୍ଚ୍ଚାନ୍ତ ହୋଇ ଦୀର୍ଘ ୪୦ କି.ମି. ଦୂର ଜିଲାପାଳଙ୍କ ଅଫିସକୁ ଆମକୁ ଆସିବାକୁ ପଡ଼ିଲା ବୋଲି ଭତ୍ତା ଆଶାୟୀ ବୃଦ୍ଧାବୃଦ୍ଧ କହିଛନ୍ତି। ତେବେ ଜିଲାପାଳ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେବେ ବୋଲି ସେମାନେ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ସେମାନଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଉଛି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବୃଦ୍ଧାବୃଦ୍ଧ।

# ୧୫୦ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

**ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ**

ରସୁଲପୁର,୧୩।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ରୂପାନ୍ତରୀକରଣ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗର ଖେଳକୁଦରୁ ୧୫୦ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ୨ରୁ୧୦ ଜାନୁୟାରୀ,୨୦୨୩ ମଧ୍ୟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେବାକୁ ସ୍ଥିରୀକୃତ ହୋଇଥିବା ଜଣାଯାଇଛି। ବ୍ଲକସ୍ତରୀୟ ଖେଳକୁଦରୁ ମନୋନୀତ ଖେଳାଳି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ବିଦ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଅମୂଲ୍ୟ କୁମାର ଦାସ, ପୂର୍ବତନ ଜିଲାପରିଷଦ ସଦସ୍ୟ ଆକୁଳାନନ୍ଦ ଜେନାମଣି, କ୍ରୀଡ଼ା ଶିକ୍ଷକ ସୁରେଶ ପରିଡ଼ା, ନିରଞ୍ଜନ ଶତପଥୀ, ସୁବାସ ବାରିକ, କମଳଲୋଚନ ପ୍ରଧାନ, ମାନସ ରାଉତ, ଜିତେନ୍ଦ୍ର ନାୟକ, ଅନାଦି ସାହୁ, ସନ୍ତୋଷ ପଲେଇ, ପ୍ରତାପ ବିଶ୍ୱାଳ, ପ୍ରଭାକର ରାଉତ, ସିନୁରାଣୀ ସାହୁ, ସବିତା ରାଉତ, ଚନ୍ଦ୍ରିକା ମହାରଣା, ସେକ୍ ଜୁମନ ଓ ବ୍ରଜବନ୍ଧୁ ଗିରି ପ୍ରମୁଖ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରିବା ସହ ଜିଲାସ୍ତରୀୟ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନକରି ବ୍ଲକର ନାଁକୁ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ।

ଦଳଗତ କ୍ରୀଡ଼ା କବାଡ଼ି, ଫୁଟ୍‌ବଲ, ଖୋ-ଖୋ, ଭଲିବଲ ଆଦି ଉଭୟ ବର୍ଗରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ମନୋନୀତ ହୋଇଥିବା ବେଳେ ଆଥଲେଟିକ୍ ବିଭାଗର ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ଦୌଡ଼ ଏବଂ ଜାଭଲିନ, ଡିସ୍କସ୍, ଶଟ୍‌ପୁଟ୍, ଲମ୍ବଡ଼ିଆଁ, ଉଚ୍ଚ ଡିଆଁ ଆଦି ଖେଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୫୦ ଖେଳାଳିଙ୍କୁ ମନୋନୀତ କରାଯାଇଛି। ୧୪ ଓ ୧୭ବର୍ଷରୁ କମ୍ ଉଭୟ ବାଳିକାବାଳକ ଖେଳାଳିଙ୍କ ମଧ୍ୟରୁ ଦଳଗତ ଓ ବ୍ୟକ୍ତିଗତ ବିଭାଗରୁ ଖେଳାଳିଙ୍କୁ ଚୟନ କରାଯାଇଛି। ଏଠାରେ ଅନୁଷ୍ଠିତ ଖେଳକୁ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ଓ ସହକାରୀ କର୍ମୀମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ। ଖେଳରେ ଫୁଟବଲ୍ ଓ ଭଲି ଭଲି ଦଳଗତ ଖେଳରେ ବାଳିକାମାନେ ଅଂଶଗ୍ରହଣ କରି ନ ଥିଲେ।



କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# ବ୍ରେଲ୍ ବଦଳରେ ଅଙ୍ଗୁଳି ଏବେ କମ୍ପ୍ୟୁଟର ଚଳାଇବ

**କେନ୍ଦ୍ରାପଡ଼ା ଅଫିସ, ୧୩।୧୨**

ଦେହ ମନ କଷ୍ଟ ହେଲେ ଆଖିରୁ ଲୁହ ଝରିପଡେ। ଏହି ଲୁହକୁ ହାତରେ ପୋଛିଲା ସମୟରେ ଅନୁଭବ ହୁଏ। ମାତ୍ର ଏହାକୁ ଦେଖି ହୁଏନା। ଯେତେବେଳେ ବଡ ସାର ଆଶ୍ରମକୁ ଆସନ୍ତି, ସେହି ସମୟରେ ପାଠ ପଢ଼ି ବଡ ସାର ହେବାକୁ ଇଚ୍ଛା ହୁଏ। ମାତ୍ର ଦୃଷ୍ଟିଶକ୍ତି ନ ଥିବାରୁ ସାଧାରଣ ପିଲାଙ୍କ ପରି ଭାରି ମନକଷ୍ଟ ହୁଏ। ଆଖପାଖରେ କେହି ନ ଥିବା ବେଳେ ଖୁବ କାନ୍ଦେ। ଭଗବାନଙ୍କୁ ପ୍ରାର୍ଥନା ସମୟରେ ମୋର ଏହି ଦୁର୍ଦ୍ଦଶା କାହିଁକି ବୋଲି ପ୍ରଶ୍ନ ପଚାରେ। ସେହି ଭଗବାନ ମୋର ଦୁଃଖ ଶୁଣିଛନ୍ତି। ଆଖି ଅପରେଶନ ପରେ ବହୁତ କିଛି ଦେଖୁଛି। ଏବେ ବ୍ରେଲ୍ ଅକ୍ଷରରେ ପଢ଼ିବା ଆବଶ୍ୟକ ନାହିଁ ବୋଲି ଭାବୁଛି। ବ୍ରେଲି ବଦଳରେ ଅଙ୍ଗୁଳି ଏବେ କମ୍ପ୍ୟୁଟର ଚଳାଇବ ଜାଣି ଖୁବ୍ ଖୁସି ଲାଗୁଛି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଦରବଛାସ୍ଥିତ ଆରତୀ ଦେବୀ ଦୃଷ୍ଟିହୀନ ଆବାସିକ ବିଦ୍ୟାଳୟର ଅନ୍ତେବାସୀ ୧୦ ବର୍ଷୀୟ ଶଙ୍କର ଦାସଙ୍କ ଏହି ବୟାନ ତାଙ୍କ ପାଇଁ ଏକ ନୂଆ ପୃଥିବୀ ସୃଷ୍ଟି କରିଛି। ଅଗଷ୍ଟ ୧୦ ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ପୌର ସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ପରୀକ୍ଷା ପରେ ଚକ୍ଷୁରେ ଜ୍ୟୋତି ଫେରିବା ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଅନ୍ତେବାସୀ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ମୋଟ ୩୯ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ପରୀକ୍ଷା ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨ ଛାତ୍ରଙ୍କ ଆଖିର ଜ୍ୟୋତି ଫେରି ଆସିଛି।

ଏ ସମ୍ପର୍କରେ ଆରତୀ ଦେବୀ ବିଦ୍ୟାଳୟ ଅଧକ୍ଷ ପବିତ୍ର ମୋହନ ଦାସ କହିଛନ୍ତି, ଶଙ୍କରଙ୍କ ଚକ୍ଷୁ ଅପରେଶନ ପରେ ମଙ୍ଗଳବାର ଏଠାକୁ ଆସିଛନ୍ତି। ଚିକିତ୍ସାଧୀନ ଥିବାରୁ ସାମୟିକ ବିଶ୍ରାମ ନେଉଛନ୍ତି। ତେବେ ପାଠ ପଢ଼ିବା ଉତ୍ସାହ ବଢ଼ିଯାଇଛି। ଗତ ୧୮ ଘଣ୍ଟା ମଧ୍ୟରେ ନୂଆ ଦୁନିଆର ରୂପରେଖ ଦେଖି ତତ୍ତ୍ୱାବଧାରକଙ୍କୁ ବହୁ ପ୍ରଶ୍ନ ପଚାରୁଛନ୍ତି। ସେହିପରି ପୌରସଂସ୍ଥା

## ଅପରେଶନ ପରେ ୨ ଛାତ୍ର ଫେରି ପାଇଲେ ଦୃଷ୍ଟିଶକ୍ତି


ରାଜେଶ ମଲ୍ଲିକ।


ଶଙ୍କର ଦାସ ।


ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ।

ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ର ରାଜେଶ ମଲ୍ଲିକ ଚକ୍ଷୁ ଅପରେଶନ ପରେ ନିଜ ଘର ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁରେ ଅଛନ୍ତି। ଅପରେଶନ ଓ ଭବିଷ୍ୟତ କାର୍ଯ୍ୟକ୍ରମକୁ ନେଇ ସେ କୁହନ୍ତି, ଆସନ୍ତା ମାସରେ ସେ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବେ। ଜନ୍ମରୁ ପ୍ରାୟ ୬ ବର୍ଷ ଯାଏ ଆଦୌ ଦେଖାଯାଉ ନ ଥିଲା। ଏହାପରେ ଚକ୍ଷୁ ଅପରେଶନ ହୋଇଥିଲା। ମାତ୍ର ସଫଳ ହୋଇ ନ ଥିଲା। ସାମାନ୍ୟ ପରିମାଣରେ ଦେଖା ଯାଉଥିବାରୁ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହଯୋଗ ନେଇ ଜୀବନଯାପନ କରୁଥିଲି। ତେବେ ଆଶ୍ରମ ସ୍କୁଲକୁ ରାଜ୍ୟପାଳ ଆସି ଜୀବନପଥକୁ ସିଧା ଚାଲିବା ପାଇଁ ବାଟ ଦେଖାଇଛନ୍ତି। ଏହାସହ ଜିଲା ପ୍ରଶାସନ ଓ ଆଶ୍ରମ ସ୍କୁଲର ଶିକ୍ଷକଙ୍କ ଉଦ୍ୟମ ପାଇଁ ଆମକୁ ନୂଆ କରି ବଞ୍ଚିବାର ବାଟ ଦେଖାଇଛି। ଏଥିସହ ସେ କ୍ଷୋଭ ପ୍ରକାଶ କରିଛନ୍ତି, ୧୪ବର୍ଷ ହୋଇଥିଲେ ମଧ୍ୟ ଏବେ ଚତୁର୍ଥ ଶ୍ରେଣୀରେ ପଢ଼ୁଛନ୍ତି। ସାଙ୍ଗମାନେ ବହୁ ଅଧିକ ପାଠ ପଢ଼ିଲେଣି। ଏ ସମ୍ପର୍କରେ ରାଜେଶଙ୍କ ବାପା ଲକ୍ଷ୍ମଣ କୁହନ୍ତି, ଦିନ ମଜୁରିରେ ଘର ଚଳେ। ବୋଉଙ୍କର ଆଖି ଦୋଷ ଅଛି। ଏହାପରେ ଭାଇ ଓ ନିଜର ଆଖିକୁ ଅଳ୍ପ ଦେଖାଯାଉଛି। ଏହି ପରିସ୍ଥିତିରେ ପୁଅ ରାଜେଶର ଦୃଷ୍ଟିଶକ୍ତି ନ ଥିବା ଜାଣି ପରିବାର ଓ ପଡୋଶୀଙ୍କ ମନରେ ଦୁଃଖ ହୋଇଥିଲା। ଏବେ ଅପରେଶନ ପରେ ରାଜେଶଙ୍କ ଆଖିକୁ ଦେଖା ଯାଉଥିବା ଜାଣି ଖୁବ୍ ଖୁସି ଲାଗୁଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସ କହିଛନ୍ତି, ରାଜ୍ୟପାଳଙ୍କ ଏହି ଗସ୍ତ ରାଜ୍ୟର କେତେକ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ପାଇଁ ଆଶୀର୍ବାଦ ହୋଇଛି। ରାଜ୍ୟପାଳ ପ୍ରଫେସର ଲାଲଙ୍କ ନିର୍ଦ୍ଦେଶକ୍ରମେ ଜିଲାର ମୋଟ ୩୯ ଜଣ ଶିକ୍ଷାର୍ଥୀଙ୍କ ଚକ୍ଷୁ ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କର ଆଖି ଅପରେଶନ ପରେ ସମ୍ଭାବନା ଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୨ ଜଣଙ୍କର ଅପରେଶନ ହୋଇଛି। ଏଥିସହ କେତେଜଣ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କୁ ପଢ଼ିବା ପାଇଁ ଅତ୍ୟାଧୁନିକ ଯନ୍ତ୍ର ଜିଲା ପ୍ରଶାସନ ମାଧ୍ୟମରେ ବଣ୍ଟନ ବ୍ୟବସ୍ଥା କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶିକ୍ଷକଙ୍କ ମୃତ୍ୟୁ

**ମାର୍ଶାଘାଇ,୧୩।୧୨ (ଡି. ଏନ. ଏ ):** ବିଦ୍ୟୁତ୍ ଆଘାତରେ ଜଣେ କର୍ତ୍ତବ୍ୟରତ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ଜଣକ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ କଳାଗଡ଼ ଗାଁର ଗୋବର୍ଦ୍ଧନ ଚୌଧୁରୀ (୫୭)। ଖବର ମୁତାବକ, ଚୌଧୁରୀ ସକାଳେ ଗାଧୋଇବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପାଣି ଗରମ ପାଇଁ ଉଦ୍ଦିଷ୍ଟ ହିଟର ସଂସ୍ପର୍ଶରେ ଅସାବଧାନତା ଯୋଗୁ ଆସି ଯାଇଥିଲେ। ସେ ଚିତ୍କାର କରି ତଳେ ପଡି ଯାଇଥିଲେ। ପରିବାର ଲୋକମାନେ ତାଙ୍କୁ ତୁରନ୍ତ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ଚୌଧୁରୀ ଜୟଚନ୍ଦ୍ରପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଇ ଥିଲେ। ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ୩୩/୨୨ରେ ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ରାମଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି।

### ଭାଜପା କର୍ମୀଙ୍କ ହୃଦ୍‌ଘାତରେ ମୃତ୍ୟୁ

**ନାଉଗାଁ,୧୩।୧୨(ସ୍ୱ.ପ୍ର):** ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତର ଭାଜପା କର୍ମୀ କୃଷ୍ଣଚନ୍ଦ୍ର ସାମଲ (୫୪)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ବାଲିକୁଦା ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବରପାଇ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଗଣେଶ ପ୍ରସାଦ ମହାନ୍ତି, ଡାବର ସମିତିସଭ୍ୟ ସୁବଳ ବେହେରା, ନିରଞ୍ଜନ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବିଚିତ୍ରା ନନ୍ଦ ଲେଙ୍କା ପ୍ରମୁଖ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

### କେନାଲରୁ ମିଳିଲା ଚୋରା ବାଇକ୍

**ରାଜନଗର, ୧୩।୧୨(ଡି.ଏନ.ଏ.):** ତାଳଚୁଆ ସାମୁଦ୍ରିକ ଥାନା ମଞ୍ଜୁଳାପଲ୍ଲୀ ଗାଁ ନିକଟରେ ଥିବା କେନାଲରୁ ଏକ ଚୋରା ବାଇକ୍ ଜବତ ହୋଇଛି। କେନାଲରେ ବାଇକ୍‌ଟିର କିଛି ଅଂଶ ଦେଖାଯାଉଥିବା ଦେଖି ଗାଁ ଲୋକ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କେନାଲରୁ ବାଇକ୍‌କୁ ଉଦ୍ଧାର କରି ଥାନାକୁ ଆଣିଛି। ବାଇକ୍‌ର ନଂ. ଓଡି୨୯ଏଚ୦୪୨୫କୁ ପୋଲିସ ଯାଞ୍ଚ କରିବା ପରେ ଏହା ଏକ ସ୍କୁଟିର ବୋଲି ଜଣାପଡିଛି। ବାଇକ୍‌ରୁ ଏକ ବାକି ଖାତା ଏବଂ ଅନ୍ୟ କାଗଜପତ୍ର ପୋଲିସ ପାଇଛି। ବାଇକ୍‌ଟି କିଏ କାହିଁକି ଫୋପାଡିଲା, ପୋଲିସ ଅନୁସନ୍ଧାନ ଜାରି ରଖିଛି। ଘଟଣାକୁ ୨ଦିନ ବିତି ଯାଇଥିଲେ ବି କେହି ଏ ନେଇ ଥାନାରେ ଅଭିଯୋଗ କରିନାହାନ୍ତି। ବାଇକ୍‌ରେ ସ୍କୁଟି ନମ୍ବର ଲାଗିଥିବାରୁ ଏହା ଚୋରା ବାଇକ୍ ବୋଲି ସନ୍ଦେହ ବଢିବାରେ ଲାଗିଛି। ବାଇକ୍ କାହାର, କାହିଁକି ସ୍କୁଟି ନମ୍ବର ଲାଗିଲା, ସେ ନେଇ ପୋଲିସ ଅନୁସନ୍ଧାନ ଜାରି ରଖିଛି।

# ଲୋକକଳାର ପ୍ରଚାର ଅଭାବ ସଂସ୍କୃତିକୁ ନଷ୍ଟ କରୁଛି

**କେନ୍ଦ୍ରାପଡ଼ା ଅଫିସ, ୧୩।୧୨**

 କେନ୍ଦ୍ରାପଡ଼ା ଜିଲା ପାଲା ଗାୟକ ପରିଷଦ ସମ୍ମିଳନୀର ୨୫ତମ ବାର୍ଷିକ ଉତ୍ସବ ସହରର ଶାମଗୁଡିଆସ୍ଥିତ ଚଣ୍ଡିଆ ପ୍ୟାଲେସଠାରେ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅନୁଷ୍ଠିତ ସଭାରେ ଅତିଥିମାନେ କେନ୍ଦ୍ରାପଡ଼ା ଜିଲାର ଲୋକକଳା ଓ ଏହାର ଅବକ୍ଷୟ ସମ୍ପର୍କରେ ଆଲୋଚନା କରିଥିଲେ। ପାଲା ପରି ସାହିତ୍ୟ ଚର୍ଚ୍ଚା ଏବେ ପ୍ରଚାର ପ୍ରୋତ୍ସାହନ ଅପେକ୍ଷାରେ ଥିବା ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ସୋମବାର ଗାୟକ ସୂର୍ଯ୍ୟ ପର୍ଶୁରାମ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଗଣେଶ୍ୱର ବେହେରା, ଡ. ସର୍ବେଶ୍ୱର ସେଣ, ରାମକୃଷ୍ଣ ଦାଶ, ପାର୍ବତୀ ନାୟକ, ସମୀର ରଞ୍ଜନ ଦାଶ, ଆଶିଷ ସେନାପତି, କରୁଣା କର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ଜିଲା ପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, ଅଜୟ କୁମାର ସାମଲ, ସନ୍ତୋଷ କୁମାର ପଟ୍ଟନାୟକ, ସହଦେବ ବାରିକ, ନନ୍ଦ କିଶୋର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ସାମ୍ପ୍ରତିକ ସମୟରେ ଲୋକକଳା ଉପରେ ଡିଜିଟାଲ ଆକ୍ରମଣ ଅଧିକ ହେଉଛି। ତେବେ ଏହି ଡିଜିଟାଲ ଫର୍ମରେ ସାହିତ୍ୟର ବିକୃତିକରଣ ଆରମ୍ଭ ହୋଇଛି। ଏପରିକି ଛାନ୍ଦ, ଚମ୍ପୂ ଆଦି ପାରମ୍ପାରିକ ଲେଖା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ପାଲା ଦ୍ୱାରା ସମାଜରେ ସଚେତନତା ସୃଷ୍ଟି ହେବା ସହ ସାହିତ୍ୟ ଚର୍ଚ୍ଚା ହେଉଥିଲା । ଗ୍ରାମବାସୀ ଏହାକୁ ଉପଭୋଗ କରିବା ସହ ସାହିତ୍ୟ ଆଲୋଚନାରେ ଭାଗ ନେଉଥିଲେ। ଯାହା ଅତ୍ୟାଧୁନିକ ଯୁଗରେ ହଜି ଯିବାକୁ ବସିଛି। ଏହା କଳା ପ୍ରତିଭା ସୃଷ୍ଟି ସହିତ ରୋଜଗାରର ମାଧ୍ୟମ ଥିଲା। ଏହାର ପ୍ରଚାର ଓ ପ୍ରସାର କରା ନ ଗଲେ ଲୋକକଳା ସମ୍ପୂର୍ଣ୍ଣ ନଷ୍ଟ ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ପରିଷଦର ସଭାପତି ଗଗନ ବିହାରୀ ସିଂ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, କର୍ମକର୍ତ୍ତା କ୍ଷୀରୋଦ ନାଥ, ପ୍ରଫୁଲ୍ଲ ଦାସ, ବାମା ଦାସ, ଲକ୍ଷ୍ମୀ ଧଳ ପ୍ରମୁଖ ପରିଚାଳନା କରିଥିଲେ।

## ପାଲା ଗାୟକ ପରିଷଦ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ପଟ୍ଟାମୁଣ୍ଡାଇରେ ସରପଞ୍ଚଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗ ଦେଇଥିବା ପ୍ରଶିକ୍ଷକମାନେ।

**ପଟ୍ଟାମୁଣ୍ଡାଇ,୧୩।୧୨(ସ୍ୱ.ପ୍ର.)**

ମୋ ପଞ୍ଚାୟତ ହେବ ଶ୍ରେଷ୍ଠ। ଗ୍ରାମାଞ୍ଚଳର ହାତ ପାଆନ୍ତାରେ ମିଳିବ ସହରୀ ସୁବିଧା। ଏଥିପାଇଁ ରାଜ୍ୟ ସରକାର ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତର ବିକାଶ ପାଇଁ ଶିକ୍ଷାଲାଭ କରୁଛନ୍ତି ନବ ନିର୍ବାଚିତ ସରପଞ୍ଚ। ନିର୍ବାଚନ ପରେ ପଞ୍ଚାୟତ ସ୍ତରରେ ଉନ୍ନୟନମୂଳକ କାମ କିଭଳି ହେବ ସେଥିପାଇଁ ପ୍ରସ୍ତୁତ ହେଉଛି ବ୍ଲୁ ପ୍ରିଣ୍ଟ। ଏଥିପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ଜିଲା ପରିଷଦର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି ସରପଞ୍ଚମାନଙ୍କ ପାଇଁ ତାଲିମ ଶିବିର। ସୋମବାର ପଟ୍ଟାମୁଣ୍ଡାଇ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଶାନ୍ତିମୈତ୍ରୀ ସଙ୍ଗଠନର ସହଯୋଗରେ ସରପଞ୍ଚ ତାଲିମ ଶିବିର ଉଦ୍‌ଘାଟନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶାନ୍ତିମୈତ୍ରୀ ସଙ୍ଗଠନ ସଂଯୋଜକ ଭଗବାନ ଜେନାଙ୍କ ସଂଯୋଜନାରେ ତାଲିମ ଶିବିରରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ରହେମାନ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରକାରୀ ଯୋଜନା ସଫଳ କରିବା ଦିଗରେ ସରପଞ୍ଚଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ତାଲିମଦାତା ଅନନ୍ତ କର ଓ ଅଭୟ ଦାସ ପଞ୍ଚାୟତିରାଜ ବିଭାଗର ଗ୍ରାମସଭା, ପଲ୍ଲିସଭା,ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି ସମ୍ପର୍କରେ ସରପଞ୍ଚମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ୫ ଦିନିଆ ତାଲିମ ଶିବିରରେ ଆଳି, ରାଜକନିକା ଓ ରାଜନଗର ବ୍ଲକର ୭୦ରୁ ଊର୍ଦ୍ଧ୍ୱ ସରପଞ୍ଚ ଯୋଗ ଦେଇଥିଲେ।

# ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମାଛଚାଷ ପ୍ରଶିକ୍ଷଣ


ଏସ୍‌ଏଚ୍‌ଜିର ମହିଳାମାନେ ମାଛଚାଷ ପ୍ରଶିକ୍ଷଣ ନେବା ପରେ କିଟ୍ ଓ ପୁସ୍ତିକା ନେଉଛନ୍ତି।

**ଡେରାବିଶ, ୧୩।୧୨(ସ୍ୱ.ପ୍ର.)**

ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ଖାଉଟି ସାମଗ୍ରୀ ବଣ୍ଟନ ଭଳି ଗୁରୁଦାୟିତ୍ୱ ଦେବା ସହ ପଞ୍ଚାୟତର ପୋଖରୀରେ ମାଛ ଚାଷ ପାଇଁ ମଧ ପ୍ରୋତ୍ସାହିତ କରାଯାଉଛି। ଏଥିସହ ପଞ୍ଚାୟତରେ ସବୁ ରହିଥିବା ପୋଖରୀଗୁଡିକୁ ମହିଳା ଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଲାମ ପ୍ରଦାନ କରାଯାଇ ମତ୍ସ୍ୟ ଚାଷ ନିମନ୍ତେ ପ୍ରୋତ୍ସାହନ ଦିଆଯାଇଛି। ମଙ୍ଗଳବାର ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତର ୨୮ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି, ସମ୍ପାଦିକାମାନଙ୍କୁ ନେଇ ଜିଲା ମତ୍ସ୍ୟ ବିଭାଗ, ମିଶନ ଶକ୍ତି ଓ ୱାଲ୍ଡ ଫିସ୍‌ର ମିଳିତ ସହଯୋଗରେ ବ୍ଲକସ୍ତରୀୟ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ସଂଯୋଜକ କୈଳାସ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ମହମ୍ମଦ୍ ଫିରୋଜ ଖାଁ, ଏବିଡିଓ ଭଞ୍ଜକିଶୋର ନାୟକ, ସିଡିପିଓ ସ୍ନେହଲତା ସାହୁ, ପ୍ରିୟସୀ ସାମଲ, ଯଜାତି କେଶରୀ ବେଉରା ପ୍ରମୁଖ ଶିବିରାର୍ଥୀମାନଙ୍କୁ ମତ୍ସ୍ୟ ଚାଷର ଉପକାରିତା ସମ୍ପର୍କରେ ବୁଝାଇ ଥିଲେ। ୱାଲ୍ଡ ଫିସର ଜୋନାଲ୍ ମ୍ୟାନେଜର ସୌରଭ କୁମାର ବିଶ୍ୱାଳ ଯୋଗ ଦେଇଥିବା ଶିବିରାର୍ଥୀମାନଙ୍କୁ ମାଛ ଚାଷ ପାଇଁ କ'ଣ କରାଯିବା ଆବଶ୍ୟକ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ, ମାଛମାନଙ୍କୁ ଖାଦ୍ୟ ପ୍ରୟୋଗ, ରୋଗ ପ୍ରତିରୋଧକ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷିତ କରାଯାଇଥିଲା । ଶିବିରାର୍ଥୀମାନଙ୍କୁ ମତ୍ସ୍ୟ ଚାଷ ପୁସ୍ତିକା ଓ କିଟ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଏଫ୍‌ଓ ରଶ୍ମିରଞ୍ଜନ ଦାସ ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

# ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମ ଉତ୍ସବ ରଥ ପରିକ୍ରମା

**ରାଜନଗର, ୧୩।୧୨(ଡି.ଏନ.ଏ.)**

ରାଜନଗର ମାଟିର ଅନ୍ୟତମ ବରପୁତ୍ର ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ୧୨୫ତମ ଜନ୍ମ ମହୋତ୍ସବ ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି। ରାଜନଗର ବ୍ଲକ ଗୁଲୁଦିଆ ଓ ଚଣ୍ଡିଆପଲ୍ଲୀ ଶ୍ରୀକଳ୍ପତରୁ ସେବା ସଂଘ ଶାଖା ପକ୍ଷରୁ ଏହି ପବିତ୍ର ଜନ୍ମ ଉତ୍ସବ ଅବସରରେ ମଙ୍ଗଳବାର ପ୍ରତ୍ୟୁଷରୁ ୪ର୍ଥ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ବୁଧବାର ଶ୍ରୀନାମ ସଂକୀର୍ତ୍ତନ, ମହାଭିଷେକ, ଶ୍ରୀଗୋପାଳ ସହସ୍ରନାମ ପାରାୟଣ ସହ ଶ୍ରୀଶାସ୍ତ୍ର ପାରାୟଣ କରାଯିବ। ସନ୍ଧ୍ୟା ୬ ଟାରେ ୪ର୍ଥ ପ୍ରହର ନାମଯଜ୍ଞ ସମାପନ ସହିତ ନଗର କୀର୍ତ୍ତନ ହେବ। ଏହି ଅବସରରେ ସେବା ଆଶ୍ରମରେ ଶ୍ରୀମଦ୍ ବାୟାବାବାଙ୍କ ଭଜନ, ଶ୍ରୀଗୁରୁ ବନ୍ଦନା କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ସେବାଶ୍ରମରୁ ସୁସଜ୍ଜିତ ବିମାନରେ ବାୟାବାବାଙ୍କ ଫଟୋଚିତ୍ର ରଖାଯାଇ ଚଣ୍ଡିଆପଲ୍ଲୀ, କୁରୁଣ୍ଟି, ବାହାରଗଡ, ଜରିମୂଳ, ରାଜନଗର ଗାଁ, ବଜାର, ମହିଁଷାସୁର ପ୍ରଭୃତି ସ୍ଥାନରେ ରଥକୁ ପରିକ୍ରମା କରାଯାଇଛି। ଏହି ସମୟରେ ବାୟା ଅନୁଗାମୀ ଶ୍ରଦ୍ଧାଳୁ ରଥକୁ ସ୍ୱାଗତ କରିବା ସହ ତାଙ୍କ ଦର୍ଶନ ଲାଭ କରି ପୂଜାର୍ଚ୍ଚନା କରିଥିଲେ। ସୂଚନାଯୋଗ୍ୟ ୧୨୫ ବର୍ଷ ତଳେ ରାଜନଗର ବ୍ଲକ କେରେଡାଗଡସ୍ଥିତ ବାଲିସାହିପାଟଣା ଗାଁର ଏକ ସମ୍ଭ୍ରାନ୍ତ ପରିବାରରେ ନାମାଚାର୍ଯ୍ୟ ବାୟାବାବାଙ୍କ ଆବିର୍ଭାବ ହୋଇଥିଲା। ଜନ୍ମ ସମୟରେ ଘଟିଥିବା ଅଲୌକିକ ଦୃଶ୍ୟ ସେତେବେଳେ ସ୍ଥାନୀୟ ଲୋକଙ୍କୁ ସ୍ତମ୍ଭିଭୂତ କରିଥିଲା। ବାବାଙ୍କ ଜନ୍ମ ବୃତ୍ତାନ୍ତଠାରୁ ଦୀକ୍ଷା ଗ୍ରହଣ କରିବା ପର୍ଯ୍ୟନ୍ତ ବିଭିନ୍ନ ଆଧ୍ୟାତ୍ମିକ ଓ ଅଲୌକିକ ଭାବଧାରାରେ କେବଳ ରାଜନଗର ନୁହେଁ ଓଡ଼ିଶା, ବିହାର, ଆସାମ, ବୃନ୍ଦାବନ ପ୍ରଭୃତି ସ୍ଥାନର ଶ୍ରଦ୍ଧାଳୁମାନେ ଅନୁପ୍ରାଣିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସନାତନ ନାୟକ, ଦୁଃଶାସନ ନାୟକ, ରମାକାନ୍ତ ବିଶ୍ୱାଳ, ଶତ୍ରୁଘ୍ନ ନାୟକ, ଚିତ୍ତରଞ୍ଜନ ସାହୁ, ସର୍ବେଶ୍ୱର ବିଶ୍ୱାଳ, ମହେଶ୍ୱର ବାରିକ, କାହ୍ନୁ ଚରଣ ନାୟକଙ୍କ ସମେତ ଚଣ୍ଡିଆପଲ୍ଲୀ ଓ ଗୁଲୁଦିଆ ଗାଁର ଭକ୍ତ ପରିଚାଳନା କରିଥିଲେ।


ସେବାଶ୍ରମରୁ ବାହାରିଥିବା ବାୟାବାବାଙ୍କ ଫଟୋ ସମ୍ବଳିତ ବିମାନକୁ ପରିକ୍ରମା କରାଯାଉଛି।

# ବାରଣ୍ଡାରେ ଅନୁଷ୍ଠିତ ହେଲା ମମତା ଦିବସ

**କେନ୍ଦ୍ରାପଡ଼ା ଅଫିସ, ୧୩।୧୨**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତର ଶିଳାପୋଖରୀ ଗ୍ରାମରେ ଅନୁଷ୍ଠିତ ହୋଇଥିବା ମମତା ଦିବସ ଶିବିରରେ ମାତୃ, ଶିଶୁ ଓ ଗର୍ଭବତୀ ମହିଳାଙ୍କ ଓଜନ, ରକ୍ତ ପରୀକ୍ଷା ଓ ହିମୋଗ୍ଲୋବିନ ପରୀକ୍ଷା ଭଳି ଅନେକ ପରୀକ୍ଷା ନିମନ୍ତେ ଏହି ଶିବିର ଅନୁଷ୍ଠିତ ହୋଇଛି। ମାତ୍ର ଏହି ପଞ୍ଚାୟତରେ ଏଏନ୍‌ଏମ୍ ସେଣ୍ଟର ନ ଥିବାରୁ ଅଙ୍ଗନୱାଡି କେନ୍ଦ୍ରରେ ମମତା ଦିବସ କରିବାକୁ ଚୟନ କରାଯାଇଥିଲା। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଏବଂ ସହାୟିକାଙ୍କ ଅନଶନ କାରଣରୁ ମମତା ଦିବସ କାର୍ଯ୍ୟକ୍ରମ ବାରଣ୍ଡାରେ ହୋଇଥିଲା।

ସୂଚନାଥାଉ କି, ଶିଶୁ ଓ ଗର୍ଭବତୀ ମହିଳାଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ମମତା ଦିବସ ଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ଗାଁ ଗହଳିରେ କରାଇବାକୁ ପଦକ୍ଷେପ ନେଇଛନ୍ତି। ସେହିପରି ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ଶିଳାପୋଖରୀ ଗ୍ରାମରେ ପ୍ରତ୍ୟେକ ମାସ ଦ୍ୱିତୀୟ ମଙ୍ଗଳବାର ଅଙ୍ଗନୱାଡି କେନ୍ଦ୍ରରେ ମମତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି।


ବାରଣ୍ଡାରେ ମମତା ଦିବସ ଶିବିରରେ ଯୋଗ ଦେଇଥିବା ଶିଶୁ ଓ ଅନ୍ୟମାନେ।

ପ୍ରତ୍ୟେକ ମାସ ପରି ମଙ୍ଗଳବାର ମମତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ସହ ଶିଳାପୋଖରୀ ଗ୍ରାମର ଆଶାକର୍ମୀ ଜାନକୀ ମଣ୍ଡଳ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ମାତ୍ର ଦିନ ୧୦ଟା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଥିବାରୁ ଉକ୍ତ କେନ୍ଦ୍ରର ଦାୟିତ୍ୱରେ ଥିବା କର୍ମୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଆମେ ଅନଶନରେ ଅଛୁ କେନ୍ଦ୍ର ଖୋଲିବୁନି କି କାହାକୁ ଚାବି

## ଅନଶନ ଯୋଗୁ ଖୋଲିଲାନି ଅଙ୍ଗନୱାଡ଼ି ଗୃହ

ଦେଇପାରିବୁ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ। ଏଥିନେଇ ମମତା ଦିବସ ଅଙ୍ଗନୱାଡି କେନ୍ଦ୍ରର ବାରଣ୍ଡାରେ ଅନୁଷ୍ଠିତ ହୋଇଥିଲା। ମାତ୍ର ସମସ୍ତ ସାମଗ୍ରୀ ଅଙ୍ଗନୱାଡି କେନ୍ଦ୍ରରେ ଥିବା କାରଣରୁ ଆସିଥିବା ମହିଳା ଏବଂ ଶିଶୁ ଫେରିଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ମମତା ଦିବସରେ ଚିକିତ୍ସା ହେବାକୁ ଆସୁଥିବା ମାତୃ ଏବଂ ଶିଶୁଙ୍କ ଚିକିତ୍ସା ଓ ଓଜନ ଯନ୍ତ୍ର ବନ୍ଦ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଥିବାରୁ ଆସିଥିବା ମାତୃ ଏବଂ ଶିଶୁଘରକୁ ଫେରିଗଲେ ବୋଲି ଶିଳାପୋଖରୀ ଗ୍ରାମର ଆଶାକର୍ମୀ କହିଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏନେଇ ସୁପରଭାଇଜର ରାଜନୀ ରାଉଳଙ୍କୁ ପଚାରିବାରୁ ମମତା ଦିବସ କାର୍ଯ୍ୟକ୍ରମ ପାଇଁ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ଅନଶନ ସହ ଏହାର କିଛି ଯାଏ ଆସ ନାହିଁ। ସେ କାହିଁକି ଖୋଲି ନାହାନ୍ତି ମୁଁ ପଚାରି ବୁଝିବି ବୋଲି ସୁପରଭାଇଜର ରାଜନୀ କହିଥିଲେ।

# ନୟାଗଡ଼ ଜିଲା ଯୋଗାଣ ଅଧିକାରୀ ନିଲମ୍ବିତ

**ଧରିତ୍ରୀ ପ୍ରଭାବ**

- ଚାଉଳ ନ ଫେରାଇ ସିକ୍ୟୁରିଟି ଟଙ୍କା ଉଠାଣ ନିର୍ଦ୍ଦେଶ ମହଙ୍ଗା ପଡ଼ିଲା
- ଖସିଗଲେ ମିଲର ଓ କର୍ପୋରେଶନର ଆକାଉଣ୍ଟ୍ସ ମ୍ୟାନେଜର

ନୟାଗଡ଼ ଅଫିସ,୧୩।୧୨

ଚାଉଳ ନ ଫେରାଇ ୨ ମିଲରଙ୍କୁ ସିକ୍ୟୁରିଟି ଟଙ୍କା ଉଠାଣ କରିବା ପାଇଁ ସୁଯୋଗ ଦେବା ଘଟଣାରେ ନୟାଗଡ଼ ଜିଲା ଯୋଗାଣ ଅଧିକାରୀ (ସିଏସ୍ଓ) ବ୍ରଜବନ୍ଧୁ ନାୟକ ମଙ୍ଗଳବାର ନିଲମ୍ବିତ ହୋଇଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବଙ୍କ ଚିଠି ନଂ. ୧୯୧୧୯ ତା.୧୩।୧୨।୨୦୨୨ରେ ସିଏସ୍ଓଙ୍କୁ ନିଲମ୍ବନ କରାଯାଇଛି । ନିଲମ୍ବିତ ସିଏସ୍ଓଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ସିଏସ୍ଓ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। କେନ୍ଦୁଝର ଜିଲାପାଳଙ୍କ ବିନାନୁମତିରେ ସେ ଛୁଟି ନେଇପାରିବେ ନାହିଁ ବୋଲି କୁହାଯାଇଛି । ତେବେ ୨ ମିଲର ଓ କର୍ପୋରେଶନର ଆକାଉଣ୍ଟ୍ସ ମ୍ୟାନେଜର ଖସି ଯାଇଛନ୍ତି । ଏ ସମ୍ପର୍କରେ କେବଳ ଧରିତ୍ରୀରେ ୨୦୨୨ ଅକ୍ଟୋବର ୧୮ରେ ଚାଉଳ ନ ଫେରାଇ ସିକ୍ୟୁରିଟି ଟଙ୍କା ଉଠାଣ, ୨ ମିଲରଙ୍କୁ ଅନୁକମ୍ପା ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା, ଯାହାକୁ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଥିଲା। ସରକାରୀସ୍ତରରେ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷେ ସେ ସମୟର ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କ୍ଷମତାର କିପରି ଅପବ୍ୟବହାର କରୁଥିଲେ ତାହା ଧରାପଡିଛି। ସିକ୍ୟୁରିଟି ଟଙ୍କା ଫେରସ୍ତ କରାଯିବାର ନିୟମ ନ ଥିବାବେଳେ ଆପଣ କିପରି ଫେରସ୍ତ କରିଛନ୍ତି ବୋଲି ସିଏସ୍ଓଙ୍କୁ ପଚରାଯାଇଥିଲା। ସିକ୍ୟୁରିଟି ଟଙ୍କା ଫେରାଇବାରେ କୌଣସି ଅସୁବିଧା ନାହିଁ । ଏଥିରେ କୌଣସି ଆଇନ ଉଲ୍ଲଂଘନ କରାଯାଇ ନାହିଁ ବୋଲି କହି ଗଣମାଧ୍ୟମକୁ ଫାଙ୍କି ଦେଇଥିଲେ। ଏହି ପ୍ରସଙ୍ଗରେ ସେ କହିଥିଲେ, ୨ ମିଲର ସିକ୍ୟୁରିଟି ଟଙ୍କା ଆବେଦନ କରି ନେଇଛନ୍ତି। ଅନ୍ୟ ଯେଉଁ ୭ ଜଣ ମିଲର ୧୦୦ ପ୍ରତିଶତ ଚାଉଳ ଦେଇଛନ୍ତି, ସେମାନେ ସିକ୍ୟୁରିଟି ଟଙ୍କା ନେବାକୁ ଆବେଦନ କରି ନ ଥିବାରୁ ସେମାନଙ୍କୁ ଦିଆଯାଇନି । ତେବେ ନିଲମ୍ବନ ପରେ ସିଏସ୍ଓଙ୍କ ମିଛ ଧରାପଡିଛି।

ଅଭିଯୋଗ ଅନୁଯାୟୀ, ଜିଲାରେ ୧୭ଜଣ ମିଲର ୨୦୨୧-୨୨ ଆର୍ଥିକ ବର୍ଷର ଖରିଫ ଋତୁରେ ଧାନ କିଣିଥିବାବେଳେ ମାତ୍ର ୭ ଜଣ ୧୦୦ ପ୍ରତିଶତ ଚାଉଳ ଫେରାଇଥିଲେ। ଅନ୍ୟ ୧୦ ମିଲର ଚାଉଳ ଫେରାଇବାରେ ସମୟ ଗଡ଼ାଇ ଚାଲିଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ୧୪୦୨୨.୨୯୬ ମେଟ୍ରିକ ଟ୍ରନ ଧାନକୁ ୧୭ଟି ମିଲ୍ ଜିଲାର ବିଭିନ୍ନ ମଣ୍ଡିରୁ କିଣିଥିଲେ। ସେହି ଧାନକୁ ଚାଉଳ କରି ମିଲରମାନେ ସେପ୍ଟେମ୍ବର ୨୦୨୨ ସୁଦ୍ଧା ୯୭୯୩୫.୧୬୧ ମେଟ୍ରିକ ଟନ ଚାଉଳ ସରକାରଙ୍କୁ ପ୍ରଦାନ କରିବାର ନିୟମ ଥିଲା। ତେବେ ଜିଲାର ଡାଇମଣ୍ଡ ରାଇସ ପ୍ରାଇଭେଟ ଲିମିଟେଡ୍, ମା’ ମଙ୍ଗଳା ଆଗ୍ରୋ ଇଣ୍ଡଷ୍ଟ୍ରି, ନୟାଗଡ଼ ରାଇସ୍ ପ୍ରାଇଭେଟ୍ ଲିମିଟେଡ୍, ଶ୍ରୀ ରଘୁନାଥ ରାଇସ୍ ମିଲ୍ କେବଳ ୧୦୦% ଚାଉଳ ଗତ ସେପ୍ଟେମ୍ବରରେ ଫେରାଇଥିଲେ। ଅବଶିଷ୍ଟ ୧୩ଟି ମିଲ ସେପ୍ଟେମ୍ବର ୩୧ ସୁଦ୍ଧା ମାତ୍ର ୮୨% ଚାଉଳ ଫେରାଇଥିଲେ । ସରକାର ଚାଉଳ ଫେରାଇବାର ସମୟ ସୀମା ବଢ଼ାଇବା ପରେ ଅକ୍ଟୋବର ୩୧ ଅନ୍ତିମ ତାରିଖ ଥିଲା। ତେବେ ଅକ୍ଟୋବର ୯ ସୁଦ୍ଧା ୯୧.୫୯% ଚାଉଳ ମିଲରମାନେ ସେ ସମୟରେ ଫେରାଇଥିଲେ। ତେବେ ୧୦୦% ଚାଉଳ ଜିଲା ଯୋଗାଣ ବିଭାଗକୁ ଫେରାଇ ଜିଲାର ୭ଜଣ ମିଲର ସିକ୍ୟୁରିଟି ଟଙ୍କା ଉଠାଇବାକୁ ସୁଯୋଗ ପାଇ ନ ଥିଲେ। କିନ୍ତୁ ଦଶପଲ୍ଲା ପଙ୍କାଳସାହି ଜୟ ମହାବୀର ମିଲର ଓ ରଣପୁର ବ୍ଲକ ନରସିଂହପୁର ଆର.କେ. ମିଲରଙ୍କୁ ଅନୁକମ୍ପା ଦେଖାଇ ସିଏସ୍ଓ ସିକ୍ୟୁରିଟି ଟଙ୍କା ଗତ ଜୁଲାଇ ମାସରେ ଉଠାଣ କରିବାକୁ ସୁଯୋଗ ଦେଇଥିଲେ। ଦଶପଲ୍ଲା ପଙ୍କାଳସାହି ଜୟ ମହାବୀର ମିଲର ୧ କୋଟି ୭୧ ଲକ୍ଷ ୮୨ ହଜାର ବ୍ୟାଙ୍କ ଗ୍ୟାରେଣ୍ଟି ଓ ୨ କୋଟି ଫିକ୍ସ ଡିପୋଜିଟ୍ ଏପରି ମୋଟରେ ୩ କୋଟି ୭୧ ଲକ୍ଷ ୮୨ ହଜାର ଟଙ୍କା ବ୍ୟାଙ୍କ ସିକ୍ୟୁରିଟି କର୍ପୋରେଶନରେ ଦେଇଥିଲେ । ତେବେ ଶତ ପ୍ରତିଶତ ଚାଉଳ ନ ଫେରାଇ ଏହି ମିଲର ଫିକ୍ସ ଡିପୋଜିଟ୍ ଥିବା ୨ କୋଟି ଟଙ୍କା ନେଇ ଯାଇଥିଲେ। ସେହିପରି ଆର.କେ. ମିଲର ନରସିଂହପୁର ୧ କୋଟି ୯୬ ଲକ୍ଷ ଟଙ୍କା ଜିଲା ଯୋଗାଣ ନିଗମରେ ସିକ୍ୟୁରିଟି ପଇଠ କରିଥିଲେ। ତେବେ ରିନିୱାଲ ନାଁରେ ୧ କୋଟି ୭୦ ଲକ୍ଷ ଫେରସ୍ତ ନେଇ ସରକାରଙ୍କୁ ଠକିଥିଲେ। ଦୁଇ ମିଲରଙ୍କୁ ସିକ୍ୟୁରିଟି ଟଙ୍କା ଫେରାଇବା ଘଟଣାରେ ସିଏସ୍ଓଙ୍କ ସମେତ ଜିଲା ଯୋଗାଣ ବିଭାଗର ଆକାଉଣ୍ଟ୍ସ ମ୍ୟାନେଜର ସାମିଲ ଥିଲେ। ସିଏସ୍ଓ ନିଲମ୍ବିତ ହୋଇଥିବାବେଳେ ଆକାଉଣ୍ଟ୍ସ ମ୍ୟାନେଜର ଓ ଦୁଇ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ଥିଲା ବୋଲି ମତ ପ୍ରକାଶ ପାଇଛି।

## ତିଲୋତ୍ତମାଙ୍କୁ ସିଏସ୍ଓ ଦାୟିତ୍ୱ

ନୟାଗଡ ଅଫିସ,୧୩।୧୨: ଚାଉଳ ନଫେରାଇ ୨ ମିଲରଙ୍କୁ ସିକ୍ୟୁରିଟ୍ ଟଙ୍କା ଉଠାଣ କରିବା ପାଇଁ ସୁଯୋଗ ଦେବା ଘଟଣାରେ ନୟାଗଡ ଜିଲା ଯୋଗାଣ ଅଧିକାରୀ (ସିଏସଓ) ବ୍ରଜବନ୍ଧୁ ନାୟକ ମଙ୍ଗଳବାର ଖାଦ୍ୟ ଯୋଗାଣଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କଙ୍କ ଦ୍ୱାରା ନିଲମ୍ବିତ ହେବା ପରେ ନୟାଗଡ ସଦରର ଅତିରିକ୍ତ ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନଙ୍କୁ ଜିଲା ଯୋଗାଣ ଅଧିକାରୀ ଦାୟିତ୍ୱ ମିଳିଛି । ନୂଆ ଜିଲା ଯୋଗାଣ ଅଧିକାରୀ କାର୍ଯ୍ୟରେ ଯୋଗ ଦେବା ପର୍ଯ୍ୟନ୍ତ ପ୍ରଧାନ ଏହି ଦାୟିତ୍ୱ ତୁଲାଇବେ । ଏନେଇ ଜିଲା ଯୋଗାଣ ବିଭାଗ ପକ୍ଷରୁ ଜିଲାପାଳଙ୍କ ଦସ୍ତଖତରେ ଚିଠି ନଂ ୭୪୬୭ ତା ୧୩।୧୨।୨୦୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ୯୨ ଲକ୍ଷ ବ୍ୟୟରେ ହେବ ସମ୍ମିଳନୀ କକ୍ଷ

**ନୟାଗଡ଼ ଅଫିସ,୧୩।୧୨:** ନୟାଗଡ଼ ବ୍ଲକରେ ୯୨ ଲକ୍ଷ ବ୍ୟୟରେ ୧୫୦ରୁ ୨୦୦ ଲୋକ ବସିବା ପରି ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ନିର୍ମାଣ ହେବ । ନୟାଗଡ଼ ବିଧାୟକ ଅରୁଣ ସାହୁ ନୟାଗଡ଼ ବ୍ଲକରେ ମଙ୍ଗଳବାର ଉନ୍ନୟନ କାର୍ଯ୍ୟର ସମୀକ୍ଷା ପରେ ଏହା ଜଣାପଡିଛି । ବ୍ଲକର ପୁରୁଣା କ୍ୱାର୍ଟର୍ସକୁ ଭଙ୍ଗା ଯାଇ ଏହା ନିର୍ମାଣ କରାଯିବ । ସମୀକ୍ଷା ସମୟରେ ବିଡିଓ ପଦ୍ମ ଚରଣ ସାହୁ, ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନାବାଳିକା ଶାଳୀର ଅଶ୍ଳୀଳ ଫଟୋ ଭାଇରାଲ୍, ଭିଣୋଇ ଗିରଫ

ବୁଗୁଡ଼ା,୧୩।୧୨(ଡି.ଏନ.ଏ.)-ବୁଗୁଡ଼ା ଥାନା ମକରାପଲ୍ଲୀ ଗ୍ରାମରେ ନାବାଳିକା ଶାଳୀର ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ଅଭିଯୋଗରେ ପୋଲିସ ଭିଣୋଇଙ୍କୁ ଗିରଫ କରିଛି। ସେ ହେଲେ ସେହି ଗ୍ରାମର ପ୍ରମୋଦ ଆଲଟିଆ। ପ୍ରମୋଦ ଅହମ୍ମଦାବାଦରେ ଏକ କମ୍ପାନୀରେ କାମ କରୁଥିଲା ବେଳେ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ସେହିଦିନଠାରୁ ସ୍ତ୍ରୀ ନିଜ ପୁଅ ଓ ଝିଅଙ୍କୁ ଆଣି ବାପଘରେ ରହୁଛନ୍ତି। ଗତ କିଛିଦିନ ପୂର୍ବରୁ ପ୍ରମୋଦ ତାଙ୍କ ସ୍ତ୍ରୀଙ୍କୁ ଆଣି ଅହମ୍ମଦାବାଦରେ ଛାଡିବା ପାଇଁ ଶାଶୁ ଶଶୁରଙ୍କୁ ଧମକ ଦେବା ସହ ନାବାଳିକା ଶାଳୀର ଫଟୋ ଅଶ୍ଳୀଳ କରି ଭାଇରାଲ କରିଥିଲେ। ନିକଟରେ ସେ ଗାଁକୁ ଆସିଥିଲା ବେଳେ ଗତ ୮ ତାରିଖରେ ଶାଳୀ ପଢୁଥିବା କଲେଜକୁ ଯାଇ ତାଙ୍କୁ ଉଠାଇ ନେବା ପାଇଁ ଉଦ୍ୟମ କରିଥିଲେ। ଶଳାମାନେ କଲେଜ ନିକଟରେ ପହଞ୍ଚିଯିବାରୁ ପ୍ରମୋଦ ପଳାଇଥିଲେ। ଏ ନେଇ ଶଳା ବୁଗୁଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହିତ ପ୍ରମୋଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୁଗୁଡ଼ା,୧୩।୧୨(ଡି.ଏନ.ଏ.)-ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୫୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ କବିବର ପ୍ରଧାନ ଯୋଗଦେଇ ପତାକା ଉତ୍ତୋଳନ କରିଥିବା ବେଳେ ଛାତ୍ରୀମାନଙ୍କ ସାମୂହିକ ଶପଥ ପାଠ ପରେ କ୍ରୀଡ଼ା ପ୍ରତିଯୋଗିତା ଶୁଭାରମ୍ଭ ହୋଇଥିଲା। କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୌଡ଼, ଲମ୍ଫ ଡିଆଁ, ଗୁଳା ଫିଙ୍ଗା ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। ପ୍ରତିଯୋଗିତାଗୁଡ଼ିକୁ କ୍ରୀଡ଼ା ଶିକ୍ଷକ ଅମୀୟ ରଞ୍ଜନ ଭୂୟାଁ ଓ ବିଶ୍ୱେଶ୍ୱର ଗିରି ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋଜ କୁମାର ତନ୍ତି, ଶିକ୍ଷୟିତ୍ରୀ ଅଞ୍ଜଳି କୁମାରୀ ଶବର ଓ ଦେବୀ ଶବର ପ୍ରମୁଖ ସହଯୋଗ କରିଥିଲେ।

### ୱାରେଣ୍ଟି ଗିରଫ

ଜି.ଉଦୟଗିରି,୧୩।୧୨-ଜି.ଉଦୟଗିରି ପୋଲିସ ୧୧ ବର୍ଷ ତଳର ଜଣେ ୱାରେଣ୍ଟିକୁ ମଙ୍ଗଳବାର ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଜି.ଉଦୟଗିରି ବ୍ଲକ ଦୁଗୁଡିପାରୀ ଗ୍ରାମର ଚରଣ ନାୟକ (୩୯)ଙ୍କ ନାମରେ ଏକ ଡକାୟତ ମାମଲା ଥିଲା। ଚରଣ ସେବେଠୁ ଫେରାର ହୋଇଯାଇଥିଲେ। ତାଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଥିଲା। ମଙ୍ଗଳବାର ଚରଣ ଘରକୁ ଆସିଥିବା ଜାଣିପାରି ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଅନନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ବାଇକ୍ ପୋଡ଼ି

ଆସିକା,୧୩।୧୨(ଡି.ଏନ.ଏ.)-ଆସିକା ସହର ଉପକଣ୍ଠ ମୁକୁନ୍ଦପୁର ଗ୍ରାମରେ ଦକ୍ଷିଣବାଡ ସାହିରେ ସୋମବାର ବିଳମ୍ବିତ ରାତିରେ ଏକ ଘରବାରଣ୍ଡାରେ ଥିବା ଗୋଟିଏ ବାଇକ୍‌କୁ କେହି ଦୁର୍ବୃତ୍ତ ଜାଳି ଦେଇଛନ୍ତି । ଏହାର କାରଣ ସ୍ପଷ୍ଟ ହୋଇନଥିଲା ବେଳେ ବାଇକ ମାଲିକଙ୍କ ପକ୍ଷରୁ ଆସିକା ଥାନାରେ ଅଭିଯୋଗ କରାଯାଇଛି ।

### ଖବରଦାତାଙ୍କ ପରଲୋକ

ଆସିକା,୧୩।୧୨(ଡି.ଏନ.ଏ.)

ଆସିକା ସହର ଉପକଣ୍ଠ ମୁକୁନ୍ଦପୁର ଗ୍ରାମରେ ରହୁଥିବା ଏକ ଦୈନିକ ଖବର କାଗଜର ଖବରଦାତା ଶରତ ଚନ୍ଦ୍ର ବିଷୋୟୀ(୫୫)ଙ୍କ ସୋମବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ସେ ଆସିକାସ୍ଥିତ ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀର ଜଣେ ଡାଇରେକ୍ଟର ମଧ୍ୟ ଥିଲେ । ମୃତଦେହ ଏଠାରେ ପହଞ୍ଚିବା ପରେ ବହୁ ଆତ୍ମୀୟ ଶେଷ ଦର୍ଶନ କରିଥିଲେ। ମୃତଦେହକୁ ଋଷିକୁଲ୍ୟା ବଡନଦୀର ସଂଗମସ୍ଥଳରେ ସତ୍କାର କରାଯାଇଥିଲା। ଅପରପକ୍ଷେ ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀର ସଭାପତି ଡାକ୍ତର ପ୍ରମୋଦ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଏକ ଶୋକସଭାରେ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯିବା ସହ ଫାର୍ମାସୀ କାର୍ଯ୍ୟ ବନ୍ଦ କରାଯାଇଥିଲା। ସନ୍ଧ୍ୟାରେ ଆସିକା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟରେ ଉତ୍କଳ ସାମ୍ବାଦିକ ସଂଘ ଓ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇଥିଲା।

## ପଲିଥିନ ମୁକ୍ତ ଖଣ୍ଡପଡ଼ା ପାଇଁ ସଚେତନତା ଶୋଭାଯାତ୍ରା



ପଲିଥିନ ମୁକ୍ତ ଖଣ୍ଡପଡ଼ା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.)

ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ, ଖଣ୍ଡପଡା ସହର ହେବ ପଲିଥିନ ମୁକ୍ତ । ଏ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିବାର ମହତ ଲକ୍ଷ୍ୟ ନେଇ ଏକ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅପରାହ୍ନରେ ଖଣ୍ଡପଡ଼ା ସହର ପରିକ୍ରମା କରିଛି । ଖଣ୍ଡପଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ଅନ୍ୟାନ୍ୟ ଏନଏସି କର୍ମଚାରୀମାନେ ହାତରେ ପୋଷ୍ଟର, ବ୍ୟାନର ଧରି ସ୍ଲୋଗାନ ଦେଇ ଖଣ୍ଡପଡା ସହରର ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ପରିକ୍ରମା କରିଥିଲେ । ବହୁଳ ପଲିଥିନର ବ୍ୟବହାର ପ୍ରଦୂଷଣର ମୁଖ୍ୟ କାରଣ ଅଟେ । ତେଣୁ ପଲିଥିନକୁ ସମ୍ପୂର୍ଣ୍ଣ ରୁପେ ସରକାର ବ୍ୟାନ କରିଛନ୍ତି । ପଲିଥିନ ବ୍ୟବହାର ନ କରିବାକୁ ଉଠା ଦୋକାନୀ, ଜଳଖିଆ, ତେଜରାତି ଓ ପରିବା ଦୋକାନୀମାନଙ୍କୁ ଏନଏସି କର୍ତ୍ତୃପକ୍ଷ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ତାଗିଦ୍ କରିଛନ୍ତି । ଆଗାମୀ ଦିନରେ ପଲିଥିନ ବ୍ୟବହାର କରୁଥିବା ଦୋକାନୀମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜୋରିମାନା ଆଦାୟ ପାଇଁ ନିଷ୍ପତି ନିଆଯାଇଥିବା ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଉତ ସୂଚନା ଦେଇଛନ୍ତି ।

## ପୌରାଞ୍ଚଳରେ ସମୀକ୍ଷା

ନୟାଗଡ଼ ଅଫିସ,୧୩।୧୨

ନୟାଗଡ଼ ମ୍ୟୁନିସିପାଲିଟିରେ ନୟାଗଡ଼ ବିଧାୟକ ଅରୁଣ ସାହୁ ମଙ୍ଗଳବାର ସମୀକ୍ଷା କରିଛନ୍ତି । ସଫେଇ କର୍ମଚାରୀମାନେ ଆନ୍ଦୋଳନ କରିବା ପରଠାରୁ ଦରମା ପାଇ ନ ଥିବାରୁ ସେ ସମ୍ପର୍କରେ ଆଲୋଚନା କରାଯାଇଛି । ଦରମା ନ ପାଇଥିବରୁ ସଫେଇ କର୍ମଚାରୀ ପୁଣି ଆନ୍ଦୋଳନ କରିବାର ଅଭାସ ମିଳୁଥବାରୁ ସୋମନେ ଦରମା ପାଇବାର ଉପରେ ଗୁରୁତ୍ୱ ଦିଆଯାଇଥିବା କୁହାଯାଉଛି । ଅନ୍ୟପକ୍ଷେ ଉନ୍ନୟନ କାର୍ଯ୍ୟ ସଠିକ ସମୟରେ ଶେଷ କରିବାକୁ ତାଗିଦ୍ କରିଥିଲେ । ତେବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଉକ୍ତ ବୈଠକକୁ ଆସି ବିଧାୟକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । ପୌରାଧକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ଓ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କ ସମେତ ୧୫ କାଉନସିଲର ଆଲୋଚନାରେ ଭାଗ ନେଇଥିଲେ ।

## ଅସହାୟଙ୍କୁ କମ୍ବଳ,ପୋଷାକ ଦେଲା ସେବକ ସଂଘ

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ଶୀତ ପ୍ରକୋପରୁ ରକ୍ଷା କରିବା ପାଇଁ ଓଡିଶା ସେବକ ସଂଘ ପକ୍ଷରୁ ନୟାଗଡ ଜିଲା କରଡ଼ାପଲ୍ଲୀ ଗ୍ରାମରେ ଅସହାୟ ଲୋକଙ୍କୁ କମ୍ବଳ ଓ ପିଲାଙ୍କୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋଟ ଶହେଟି କମ୍ବଳ ଓ ଶହେରୁ ଊର୍ଦ୍ଧ୍ୱ ପିଲାଙ୍କୁ ପୋଷାକ ପ୍ରଦାନ କରାଯାଇଥିବା ସଂଘ ସଭାପତି ଅଶୋକ ମିଶ୍ର ସୂଚନା ଦେଇଛନ୍ତି। ଆଗାମୀ ଦିନରେ କରଡ଼ାପଲ୍ଲୀ ଅଞ୍ଚଳର ଗରିବ ମେଧାବୀ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ବ୍ୟବସ୍ଥା ସହିତ ସମସ୍ତ ଶିକ୍ଷା ଉପକରଣ ଯୋଗାଇ ଦିଆଯିବ ବୋଲି ସମ୍ପାଦକ ବସନ୍ତ ତ୍ରିପାଠୀ କହିଛନ୍ତି। କାର୍ଯ୍ୟକ୍ରମକୁ ସଂଘ ଉପସଭାପତି ମୀନାକ୍ଷୀ ନାୟକ, ସଦସ୍ୟ ହରେକୃଷ୍ଣ ପଟ୍ଟନାୟକ, ସର୍ବେଶ୍ୱର ଦାଶ, ସ୍ଥାନୀୟ ମୁରବି ଜଗେଶ୍ୱର ବରାଡ଼, ଦାଶରଥି ମହାପାତ୍ର, ଉମେଶ ଦଳେଇ, ସାମାଜିକ କର୍ମୀ ଉଦୟ ବାରିକ, ରାମ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ସେବକ ସଂଘ ପକ୍ଷରୁ ଅସହାୟଙ୍କ କମ୍ବଳ ବଣ୍ଟନ କରାଯାଉଛି।

## କେରାଣ୍ଡିମାଳ ଆଦିବାସୀ ଅଞ୍ଚଳରେ ମଦ ଚୋରାଚାଲାଣ ବଢ଼ୁଛି

ଦିଗପହଣ୍ଡି,୧୩।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ କେରାଣ୍ଡିମାଳ ପାହାଡ଼ିଆ ଅଞ୍ଚଳରେ ଥିବା ବିରିବାଡ଼ିଆ, ମହୁଲପଡ଼ା, ନୂଆଗାଁ, ପିଲିକାଡିହ, ଇନ୍ଦିରା ଆବାସ, ବାଟ ମହୁଲପଡ଼ା, ସାନ ବୁରୁଡ଼ା, ବଡ଼ ବୁରୁଡା ପ୍ରଭୃତି ଆଦିବାସୀ ବହୁଳ ଇଲାକାରେ ବ୍ୟାପକ ଦେଶୀ ମଦ ପ୍ରସ୍ତୁତି କରି ବିକ୍ରି ଓ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। କେରାଣ୍ଡିମାଳ ଦୁର୍ଗମ ପାହାଡ଼ିଆ ଜଙ୍ଗଲ ଅଞ୍ଚଳରେ ଦେଶୀ ଭାଟି କରି କିଛି ମାଫିଆ ବେଆଇନ ଭାବେ ମଦ ପ୍ରସ୍ତୁତ କରି ଆଖପାଖ ଗ୍ରାମାଞ୍ଚଳକୁ ଚାଲାଣ କରିବା ସହ ଖୁଲମଖୁଲା ବିକ୍ରି କରୁଛନ୍ତି। ଏସବୁ ଅଞ୍ଚଳରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ପାଇଁ ଗଞ୍ଜାମ ଜିଲା ଆଦିବାସୀ ଉନ୍ନୟନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ସଙ୍ଗଠନ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

## ଇତିହାସ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ



ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।

ଦଶପଲ୍ଲା,୧୩।୧୨(ଡି.ଏନ.ଏ.)-ମଙ୍ଗଳବାର ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟରେ ଯୁକ୍ତ ୩ ଇତିହାସ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି । ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ନିହାର ରଞ୍ଜନ ପଣ୍ଡାଙ୍କ ସମେତ ଇତିହାସ ବିଭାଗର ଅଧ୍ୟାପକ ଦିଲ୍ଲୀପ କୁମାର ବାରିକ, ଦିବ୍ୟଜ୍ୟୋତି ପ୍ରଧାନ ଓ ଅଧ୍ୟାପିକା ଆଇସା ପରବିନ୍ ଉପସ୍ଥିତ ଥିଲେ । ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ର ପ୍ରଥମ ବର୍ଷର ପିଲାମାନଙ୍କୁ ସ୍ୱାଗତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କଳା ସଂସ୍କୃତି ସଂଘର ଉପ ସଭାପତି ନିର୍ବାଚନ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା

**ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.):** ବ୍ଲକ କଳା ସଂସ୍କୃତି ସଂଘର କାର୍ଯ୍ୟକାଳ ୩ ବର୍ଷ ପାଇଁ ବିଧି ବ୍ୟବସ୍ଥା ରହିଛି । ତେବେ ଖଣ୍ଡପଡ଼ା ବ୍ଲକ କଳା ସଂସ୍କୃତି ସଂଘର କାର୍ଯ୍ୟକାଳ ଗତ ୮ମାସ ହେଲା ଶେଷ ହୋଇଗଲାଣି । କାର୍ଯ୍ୟକାଳ ଶେଷ ପରେ ମଧ୍ୟ ଜିଲା ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ ଖଣ୍ଡପଡା ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ଓ ୭ଜଣ କମିଟି ସଭ୍ୟ ଚୟନ ନେଇ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ଏ ପରିପ୍ରେକ୍ଷୀରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁଖଣ୍ଡପଡ଼ା ବ୍ଲକ୍‌କଳା ସଂସ୍କୃତିସଂଘର ବରିଷ୍ଠ ସଦସ୍ୟ ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଅଧୀନ ହାତକଟା ଗ୍ରାମର ପ୍ରହଲ୍ଲାଦ ମାଝି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି । ଏ ନେଇ ଉଚ୍ଚ ନ୍ୟାୟାଳୟରେ କେସ ନଂ. ଡବ୍ଲୁପି(ସି)/ ୩୩୧୧୫/୨୦୨୨ ରୁଜୁ ହୋଇଥିବା ଜଣାଯାଇଛି । ଉଚ୍ଚ ନ୍ୟାୟାଳୟ ଅଭିଯୋଗ ମାମଲାଟିକୁ ଗ୍ରହଣ କରିବା ସହ ଏ ସମ୍ପର୍କରେ କୈଫିୟତ ଦେବାକୁ ନୟାଗଡ଼ ଜିଲାପାଳ ଓ ଖଣ୍ଡପଡା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୪୮ ମଣ୍ଡଳର ୨୮୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ଖଣ୍ଡପଡା ବ୍ଲକ କଳା ସଂସ୍କୃତି ସଂଘ ଗଠନ ହୋଇଛି। ସଂଘର ସ୍ଥାୟୀ ସଭାପତି ଭାବେ ବିଡିଓ କାର୍ଯ୍ୟ କରୁଥିବା ବେଳେ ସଂଘର ଉପ ସଭାପତି ଓ ୭ଜଣ କମିଟି ସଦସ୍ୟଙ୍କୁ ଚୟନ କରାଯାଇ ଆସନ୍ତା ୩ବର୍ଷ ପାଇଁ ଦାୟିତ୍ୱ ପ୍ରଦାନ କରାଯିବାର ସରକାରୀ ବିଧି ବ୍ୟବସ୍ଥା ରହିଛି । ମାତ୍ର ବ୍ଲକ କଳା ସଂସ୍କୃତି ସଂଘର ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ସହ ଏବେ ୮ମାସ ସମୟ ଅତିକ୍ରାନ୍ତ କରିଥିଲେ ହେଁ ଅଦ୍ୟାବଧି ନୂତନ କର୍ମକର୍ତ୍ତା ଚୟନ ହୋଇ ପାରୁ ନାହିଁ। ବ୍ଲକ ପ୍ରଶାସନର ଖାମଖିଆଲି ନୀତି ଯୋଗୁ ନୂତନ କମିଟି ଗଠନ ହୋଇ ପାରୁ ନ ଥିବା ବେଳେ ପୁରାତନ ୪୮ ମଣ୍ଡଳର ସଦସ୍ୟଙ୍କୁ ନେଇ ତୁରନ୍ତ ନୂତନ କର୍ମକର୍ତ୍ତା ଚୟନ କରିବାକୁ ସଂଘର ସଦସ୍ୟମାନେ ଦାବି କରିଛନ୍ତି। ସେହିପରି କଳାକାର ହୋଇ ମଧ୍ୟ ସରକାରଙ୍କଠାରୁ ଭତ୍ତା ପାଇବା ଆଶାରେ ତାଲିକା ଭୁକ୍ତ ହୋଇଥିବା ଅନେକ ବ୍ୟକ୍ତିଙ୍କ ନାମ ତୁରନ୍ତ ତାଲିକାରୁ ବାଦ ଦେବାକୁ ସଂଘର ବରିଷ୍ଠ ସଦସ୍ୟମାନେ ଦାବି କରିଛନ୍ତି ।

## ୫ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ


ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମନ୍ତ୍ରୀ ।

ପୋଲସରା,୧୩।୧୨(ଡି.ଏନ.ଏ.)

ପୋଲସରା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଶତ ପ୍ରତିଶତ ଘରୋଇ ପାନୀୟ ଜଳଯୋଗାଣକୁ ନେଇ ମଙ୍ଗଳବାର ୫ଟି ପଞ୍ଚାୟତର ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବର୍ତ୍ତନି ପଞ୍ଚାୟତର ଝିଙ୍ଗିକାବାଡ଼ି ଗ୍ରାମରେ ୬୪.୬୮ ଲକ୍ଷ ଟଙ୍କା ବ୍ୟୟରେ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ସହ ଝିଙ୍ଗିକାବାଡି ଓ କୁଆନନ୍ଦ ଗ୍ରାମର ୫୨୦ ଘରକୁ ଶତ ପ୍ରତିଶତ ଘରୋଇ ପାନୀୟ ଜଳ ଯୋଗାଣ ସଂଯୋଗୀକରଣ, ସୋଡ଼କ ପଞ୍ଚାୟତର ସେହି ଗ୍ରାମରେ ୧୦୭.୮୦ ଲକ୍ଷ ଟଙ୍କା ବ୍ୟୟରେ ଅଢ଼େଇ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ସହ ୧୦୧୦ ଘର, ବାଲିଛାଇ ପଞ୍ଚାୟତର ଡୋଙ୍ଗରୀ ଗ୍ରାମରେ ୫୨.୩୪ ଲକ୍ଷ ଟଙ୍କା ବ୍ୟୟରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ସହ ୨୫୦ ଘର, ଜକର ପଞ୍ଚାୟତର ସେହି ଗ୍ରାମରେ ୧୧୧.୯୭ ଲକ୍ଷ ଟଙ୍କା ବ୍ୟୟରେ ୧ ଲକ୍ଷ ଲିଟର ଓ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଇଟି ଟ୍ୟାଙ୍କ ନିର୍ମାଣ ସହ ୮୩୦ ଘର, ଖଣ୍ଡୁରୁ ପଞ୍ଚାୟତର ସେହି ଗ୍ରାମରେ ୧୧୮.୩୮ ଲକ୍ଷ ଟଙ୍କା ବ୍ୟୟରେ ଏକ ଲକ୍ଷ ଲିଟର ଓ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଇଟି ଟ୍ୟାଙ୍କ ନିର୍ମାଣ ସହ ୭୫୦ ଘରକୁ ଶତ ପ୍ରତିଶତ ପାନୀୟ ଜଳ ଯୋଗାଣ ସଂଯୋଗୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ସାହୁ, ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ଜିଲାପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ସୋଡ଼କ ସରପଞ୍ଚ ଉତ୍କଳ ପ୍ରଧାନ, ବାଲିଛାଇ ସରପଞ୍ଚ ସିଲୁ ବେହେରା, ଜକର ସରପଞ୍ଚ ଦୀପିକା କୁମାରୀ ବାରିକ, ଖଣ୍ଡୁରୁ ସୁଜାତା ପଣ୍ଡା, ଯୁବନେତା ଜଗନ୍ନାଥ ବାଢେଇ, ରଞ୍ଜନ କୁମାର ସାହୁ, ବ୍ଲକ ମହିଳା ବିଜେଡି ସଭାପତି ସଞ୍ଜୁକ୍ତା ବାଡ଼ତ୍ୟାଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

